## କୋରେଇ ବ୍ଲକ୍‌ରେ ମେଗା ପାନୀୟଜଳ ପ୍ରକଳ୍ପ

# କାମ ମନ୍ଥର; ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ

ରଗଡ଼ି, ୧୩।୧୧(ସମିସ)

ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ସରକାର ଘୋଷଣା କରିଥିଲେ। ଏହା କ୍ରମରେ ପାନୀୟଜଳ ସମସ୍ୟା ଦୂର କରିବାକୁ କୋରେଇରେ ତିନିବର୍ଷ ପୂର୍ବେ ମେଗା ପାନୀୟଜଳ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ଖରସ୍ରୋତା ନଦୀରୁ ପାଣି ଉଠାଯାଇ ସ୍ଥାନେ ସ୍ଥାନେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦିଆଯିବ। ସେଥିପାଇଁ ବିଭିନ୍ନ ସ୍ଥାନରେ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ହୋଇଛି। ଗାଁକୁ ପାଣି ପାଇପ୍ ବିଛାଯାଇଛି। ତେବେ ଅନେକ ଜାଗାରେ ଏହା ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଏବେ ସୁଦ୍ଧା ସବୁ ଗାଁକୁ ପାଣି ପାଇପ ସଂଯୋଗ ହୋଇପାରିନାହିଁ। ଯେଉଁଠି ହୋଇଛି ରକ୍ଷଣାବେକ୍ଷଣ ଅଭାବ ଓ ଦୀର୍ଘଦିନ ଧରି ଏହା ପଡ଼ି ରହିବା ଫଳରେ କେତେକ ସ୍ଥାନରେ ପାଇପ୍ ନଷ୍ଟ ହୋଇଗଲାଣି ତ ଆଉ କେଉଁଠି ଚୋରି ହେଲାଣି। ଏହା ବ୍ୟତୀତ ଓଭରହେଡ୍ ପାଣିଟାଙ୍କି କାମ ଶେଷ ହୋଇନାହିଁ। ଫଳରେ ଲୋକେ ପିଇବା ପାଣି ପାଇଁ ହୀନସ୍ତା ଭୋଗ କରୁଛନ୍ତି।

କୋରେଇରେ ଅଧିକାଂଶ ପଞ୍ଚାୟତରେ ଗ୍ରୀଷ୍ମଦିନେ ଜଳ ସଙ୍କଟ ଦେଖା ଦେଇଥାଏ। ଏପରିକି କେତେକ ସ୍ଥାନରେ ଟ୍ୟାଙ୍କର ଯୋଗେ ଲୋକଙ୍କୁ ପାଣି ଯୋଗାଇ ଦିଆଯାଇଥାଏ। ତେବେ ତଳଗଡ଼, ଖମିଗାଁ, ପୂର୍ବକୋଟ ଓ ଅନ୍ୟାନ୍ୟ ସ୍ଥାନରେ ଚାଲିଥିବା ପାଣିଟାଙ୍କି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଖରାଦିନ ପୂର୍ବରୁ ମେଗା ପାନୀୟଜଳ ପ୍ରକଳ୍ପରୁ ପାଣି ଯୋଗାଣ ନେଇ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।



## ବ୍ରାହ୍ମଣୀରେ ବୁଡ଼ି ଛାତ୍ର ନିଖୋଜ

ବରୀ, ୧୩।୧୧(ସମସ): ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସ୍ୱାଇଁଖଣ୍ଡ ପଞ୍ଚାୟତ କଳାଖଣ୍ଡ ଗ୍ରାମ ନିକଟ ବ୍ରାହ୍ମଣୀ ନଦୀର ଭୂୟାଁ ଗଣ୍ଡରେ ବୁଡ଼ି ଜଣେ ସ୍କୁଲ ଛାତ୍ର ନିଖୋଜ ହୋଇଯାଇଛନ୍ତି। ନିଖୋଜ ଛାତ୍ର ବାଲିଆ ପଞ୍ଚାୟତ ଆଖଡାଡିହ ଗ୍ରାମର ଅଶୋକ ଦାସଙ୍କ ପୁଅ ଆଲୋକ ଦାସ। ସେ ନହଣ ହାଇସ୍କୁଲର ନବମ ଶ୍ରେଣୀରେ ପଢୁଥିଲେ। ଶୌଚ ହେବାକୁ ନଦୀକୁ ଯାଇଥିବାବେଳେ ବୁଡ଼ି ଯାଇଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ସ୍ଥାନୀୟ ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ପତ୍ତା ମିଳିନାହିଁ। ଅନ୍ଧାର ହୋଇଯିବା କାରଣରୁ ଅଗ୍ନିଶମ ବାହିନୀ ଫେରିଯାଇଥିଲେ। ଆସନ୍ତାକାଲି ସକାଳେ ପୁନର୍ବାର ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି।

## ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଦମ୍ପତି

ଦଶରଥପୁର, ୧୩।୧୧(ସମିସ): ସୂଚନା ଅଧିକାର ଆଇନରେ ତଥ୍ୟ ମାଗିବାକୁ ନେଇ ଦଶରଥପୁର ଥାନା ଅନ୍ତର୍ଗତ ରାହାସୋଇ ଗ୍ରାମର ମହିଳାଙ୍କୁ ଗାଁ ଦାଣ୍ଡରେ ଆକ୍ରମଣ କରାଯାଇଥିବା ଘଟଣାରେ ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଦମ୍ପତି। ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତ ମହେଶ୍ୱର ସେଠୀ ଓ ଦୀପ୍ତିରଞ୍ଜନ ପାଣିଗ୍ରାହୀଙ୍କୁ ଗିରଫ କରିଛି ଦଶରଥପୁର ପୁଲିସ। ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକ ରାହାସୋଇ ଗ୍ରାମର ଅଶୋକ ପତି ଓ ତାଙ୍କ ପତ୍ନୀ ଲଳିତା ପତି ପଞ୍ଚାୟତ ଉନ୍ନୟନମୂଳକ କାର୍ଯ୍ୟର କିଛି ତଥ୍ୟ ସୂଚନା ଅଧିକାରରେ ମାଗିଥିଲେ। ଏହି କାରଣରୁ ଗ୍ରାମରେ ବିବାଦ ଲାଗିରହିଥିଲା। ଏହାକୁ କେନ୍ଦ୍ର କରି ଲଳିତାଙ୍କୁ ଆକ୍ରମଣ ହୋଇଥିଲା। ମହିଳାଙ୍କୁ ମାଡ଼ ମାରିଥିବା ଭିଡିଓ ଭାଇରାଲ ପରେ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଦୁର୍ନୀତିର ତଦନ୍ତ କରିବାକୁ ଆଜି ଉଭୟ ଦମ୍ପତି ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

## ଉଦୟଗିରି ଡାକ୍ତରଖାନା ଘର ଖାଲିକଲା ପ୍ରଶାସନ

କୁନ୍ଦଳ, ୧୩।୧୧(ସମିସ): ବାଲିଚନ୍ଦ୍ରପୁର ଥାନା ଅଧୀନ ମଝିପଡ଼ା ପଞ୍ଚାୟତସ୍ଥ ଉଦୟଗିରି ସରକାରୀ ଡାକ୍ତରଖାନା ଘରକୁ ଜଣେ ବ୍ୟକ୍ତି ନିଜ କବ୍‌ଜାରେ ରଖି ଦୀର୍ଘଦିନ ଧରି ପରିବାର ସହ ରହୁଥିଲେ। ବୁଧବାର ପ୍ରଶାସନ ପକ୍ଷରୁ ଉକ୍ତ ବ୍ୟକ୍ତିଙ୍କୁ ଉକ୍ତ ଘରୁ ଅପସାରଣ କରାଯାଇଛି। ସୂଚନା ମୁତାବକ, ଉଦୟଗିରି ଗ୍ରାମର ଅଶୋକ ଦଳେଇ କିଛିବର୍ଷ ଧରି ଉଦୟଗିରି ଡାକ୍ତରଖାନା ପରିସରରେ ଥିବା ଏକ କୋଠରୀରେ ପରିବାର ସହ ବସବାସ କରୁଥିଲେ। ଏବେ ଉଦୟଗିରି ଡାକ୍ତରଖାନାର ଗୃହ ନିର୍ମାଣ ଓ ଉନ୍ନତିକରଣ ପାଇଁ ପ୍ରଶାସନ ପକ୍ଷରୁ ଅର୍ଥ ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ସରିଛି। ଆସନ୍ତା ୨୪ ତାରିଖରେ ଉକ୍ତ କାର୍ଯ୍ୟର ଶିଳାନ୍ୟାସ କରାଯିବ। ଏହାପୂର୍ବରୁ ପ୍ରଶାସନିକ ତତ୍ପରତା ପୂର୍ବକ ଦର୍ପଣ ତହସିଲ ପକ୍ଷରୁ ଅଶୋକ ଦଳେଇଙ୍କୁ ବାରମ୍ବାର ନୋଟିସ କରାଯିବା ପରେ ଅଶୋକ ଉପଜିଲ୍ଲାପାଳଙ୍କ କୋର୍ଟର ଆଶ୍ରୟ ନେଇଥିଲେ। ଅଶୋକଙ୍କ ଆବେଦନପତ୍ର ଉପଜିଲ୍ଲାପାଳଙ୍କ କୋର୍ଟରେ ଖାରଜ ହେବା ପରେ ପୁନଶ୍ଚ ତହସିଲ ପ୍ରଶାସନ ପକ୍ଷରୁ ଆଜି ବୁଧବାର ଉକ୍ତ ଘରକୁ ଖାଲି କରିବାକୁ ଅଶୋକଙ୍କୁ ନୋଟିସ ଦିଆଯିବା ସହ ବାଲିଚନ୍ଦ୍ରପୁର ଥାନାକୁ ଚିଠି କରାଯାଇଥିଲା। ଦର୍ପଣ ତହସିଲଦାର ମାନସ ତ୍ରିପାଠୀ ଓ ବାଲିଚନ୍ଦ୍ରପୁର ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ପୁଲିସ ଫୋର୍ସ ଓ ଜେସିବି ମେସିନ ନେଇ ଆଜି ଘଟଣାସ୍ଥଳରେ ପହଞ୍ଚିଥିଲେ। ଉକ୍ତ ବ୍ୟକ୍ତିଙ୍କୁ ସେଠାରୁ ବାହାର କରିବା ପାଇଁ ଦିନ ତମାମ ବୁଝାସୁଝା କରିବା ପରେ ଅପରାହ୍ନରେ ତାଙ୍କୁ ବାହାର କରିବାରେ ସକ୍ଷମ ହୋଇଥିଲେ। ପରେ ଉକ୍ତ ଗୃହକୁ ତାଲା ପକାଇ ଜଉମୁଦ ଦେଇ ସିଲ କରାଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରୁ ଡାକ୍ତରଖାନାର ଉନ୍ନତିକରଣ ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ହୋଇଥିବାରୁ ଏଥିପୂର୍ବରୁ ସରକାରୀ ବିଧିବ୍ୟବସ୍ଥା ଅନୁସାରେ କାର୍ଯ୍ୟ କରାଯାଇଥିବା କହିଛନ୍ତି।

● ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଷଣ୍ଢ ମୃତ୍ୟୁ ଘଟଣା

## ବନ ବିଭାଗର ତନାଘନା, ମାଟିତଳୁ ମୃତ ଷଣ୍ଢ ଉଦ୍ଧାର

ଦଶରଥପୁର, ୧୩।୧୧ (ସମିସ): ଫସଲ ନଷ୍ଟ କରୁଥିବା ଷଣ୍ଢ ଦେହରେ ବିଦ୍ୟୁତ୍ କରେଣ୍ଟ ଲଗାଇ ବିରିପଟା ପଞ୍ଚାୟତ ଖରଖରି ଗ୍ରାମର ଅଭୟ ମହାଳିକ ମାରିଦେଇଥିବା ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଥିଲା। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲ୍ଲା ବନ ବିଭାଗ ପକ୍ଷରୁ ଘଟଣାକୁ ଗୁରୁତ୍ୱ ପ୍ରଦାନ କରାଯିବା ସହିତ ବୁଧବାର ବିଭାଗର କର୍ମଚାରୀ ମଙ୍ଗଳପୁର ପୁଲିସ୍ ସହଯୋଗରେ ପୋତା ହୋଇଥିବା ମୃତ ଷଣ୍ଢକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ପଠାଇଥିବା ଜଣାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ସମାଜସେବୀ କ୍ଷୀରୋଦ ଜେନାଙ୍କ ପକ୍ଷରୁ ମଙ୍ଗଳପୁର ଥାନାରେ ହୋଇଥିବା ଲିଖିତ ଅଭିଯୋଗ ଆଧାରରେ ମଙ୍ଗଳପୁର ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ଅଭୟ ମହାଳିକଙ୍କୁ ଥାନାରେ ହାଜର ହେବାକୁ ନୋଟିସ୍ ଜାରି କରିଥିଲେ ମଧ୍ୟ ଅଭୟ ଫେରାର ଥିବା ଜଣାପଡ଼ିଛି।



## ବ୍ରହ୍ମବରଦା ଢିଅସାହିରେ ରାହାସ ପୂଜା

ବ୍ରହ୍ମବରଦା, ୧୩।୧୧(ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ଢିଅସାହି ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ଗୌରବ ସେବା ସଂସଦର ରୌପ୍ୟ ଜୟନ୍ତୀ ଅବସରରେ ରାହାସ ପୂଜା ଉତ୍ସବ ଅନୁଷ୍ଠିତ ହେଉଛି। ମୁଖ୍ୟ ପୁରୋହିତ ବିଜୟ ପତି ଓ ଦେବାଶିଷ ପତିଙ୍କ ପୌରୋହିତ୍ୟରେ ମୁଖ୍ୟକର୍ତ୍ତା ନିରାକାର ବେହେରା ଓ ତାଙ୍କ ସହଧର୍ମିଣୀ ବଉଳ ପାତ୍ର ବ୍ରାହ୍ମଣୀ ନଦୀରୁ ଜଳ ଉଠାଇ ଶୋଭାଯାତ୍ରାରେ ବାହାରି ପୂଜା ମଣ୍ଡପ ନିକଟରେ କଳସ ସ୍ଥାପନ କରିଥିଲେ। ଏହି ପୂଜା ୧୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ଉକ୍ତ ଦିନ ସଂସଦ ପକ୍ଷରୁ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପ୍ରତୀକ ବୋଇତ ବନ୍ଦାଣ ଉତ୍ସବ କରାଯିବ। ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ଶ୍ରୀଯୁକ୍ତ ହିମାଂଶୁ ଶେଖର ସାହୁ, ବରୀ ବିଜେପି ନେତା ଉମେଶ ଜେନା ଓ ଓଡ଼ିଆ ଚଳଚ୍ଚିତ୍ର ନାୟିକା ଶିବାନୀ ସଂଗୀତା ଯୋଗଦେବେ ବୋଲି ପୂଜା କମିଟିର ଉପଦେଷ୍ଟା ପ୍ରଦୀପ ଦାସ, ରାକେଶ ଦେଓ, ସଭାପତି ଜିତେନ୍ଦ୍ର ପ୍ରସାଦ ସାହୁ ପ୍ରକାଶ କରିଛନ୍ତି।



## ଅଗ୍ନିଶମ ବାହିନୀ ପକ୍ଷରୁ ମକ୍‌ଡ୍ରିଲ

ବଡ଼ଚଣା, ୧୩।୧୧(ସମିସ): ଆଜି ଚଣ୍ଡିଖୋଲ ଅଗ୍ନିଶମ ବାହିନୀ କର୍ମଚାରୀ ଧାନମଣ୍ଡଳସ୍ଥ ହୋଲିଜେସସ ପବ୍ଲିକ ସ୍କୁଲରେ ମକ୍‌ଡ୍ରିଲ୍ କରିଛନ୍ତି। ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ କିପରି ସେଥିରୁ ଧନ, ଜୀବନ ରକ୍ଷା କରିହେବ; ତା'ର ବିଭିନ୍ନ କୌଶଳ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ସଧାରଣ ଅଗ୍ନିକାଣ୍ଡ ସଟ୍‌ସର୍କିଟରୁ ଅଗ୍ନିକାଣ୍ଡରୁ କିପରି ଅଗ୍ନି ନିର୍ବାପକ କରିହେବ; ଗ୍ୟାସ, ପାଉଡର, ଫୋମ୍ ଦ୍ୱାରା ନିଆଁ ଲିଭା ଯାଇପାରିବ, ତାହା ମକ୍‌ଡ୍ରିଲ୍ ମାଧ୍ୟମରେ ଶିକ୍ଷା ଦେଇଥିଲେ। ଚଣ୍ଡିଖୋଲ ଅଗ୍ନିଶମ ସେବା ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଆଗ୍ନିକ ସୟଦ୍ ସାହିଲ ହୋସେନ, ମନୋଜ ସେଠୀ, ଉପେନ୍ଦ୍ର ଚାନ୍ଦ, ପ୍ରସନ୍ନ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସ୍କୁଲର ଅଧ୍ୟକ୍ଷା କାମିନୀ ନାୟକ, ଶିକ୍ଷକ ଲକ୍ଷ୍ମୀଧର ମଲ୍ଲିକ, ସଞ୍ଜୟ ରାଉତ୍, ଶ୍ରୀତମ ପୃଷ୍ଟି, ଦେବାଶିଷ ନାୟକ, ଶିକ୍ଷୟିତ୍ରୀ, ସୁଷମା ମହାନ୍ତି, ପୁନମ୍ ଭାରତୀ, ସୁଭାସିନୀ ମଲ୍ଲିକ, ରେଶମା ପରବିନ, ମୌସୁମୀ ଦାସ, ପ୍ରିୟଙ୍କା ମଲ୍ଲ ପ୍ରମୁଖ ସହଯୋଗ କରିଥଲେ।



● ଶିଳ୍ପାଞ୍ଚଳର ତ୍ରୁଟିପୂର୍ଣ୍ଣ ବିସ୍ଥାପନ ନୀତିକୁ ବିରୋଧ

## ସିଭିଲ ସୋସାଇଟି ପକ୍ଷରୁ ବିକ୍ଷୋଭ

ଯାଜପୁର, ୧୩।୧୧(ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗଢ଼ିଉଠିଥିବା ଏକାଧିକ ଶିଳ୍ପସଂସ୍ଥା ଯୋଗୁଁ ଦିନକୁ ଦିନ ପ୍ରଦୂଷଣ ବୃଦ୍ଧି ପାଉଛି। ଏଥିସହିତ ତ୍ରୁଟିପୂର୍ଣ୍ଣ ବିସ୍ଥାପନ ନୀତି, କାରଖାନାର ମନମୁଖୀ କାର୍ଯ୍ୟ ବିରୁଦ୍ଧରେ ସ୍ୱତନ୍ତ୍ର ଆଇନ ଆଣିବାକୁ ଆଜି ସିଭିଲ ସୋସାଇଟି ଫୋରମ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଗ୍ରୀନ ନବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା ଏହି ଆନ୍ଦୋଳନରେ ସାମିଲ ହୋଇ କଳିଙ୍ଗନଗର ଶିଳ୍ପାଞ୍ଚଳ ଯୋଗୁଁ ପ୍ରାକୃତିକ ନାଳ ଜଳ ପ୍ରଦୂଷିତ ହେଉଛି। କଳକାରଖାନା ଖୋଲାରେ କୋଇଲା ଡମ୍ପ୍ କରିବାରୁ ପରିବେଶ ପ୍ରଦୂଷିତ ହେଉଛି। ସ୍ଥାନୀୟ ସୁଆଁଲ ଗାଁ ଲୋକଶୂନ୍ୟ ହେବାକୁ ବସିଛି। ସାରଙ୍ଗପୁର ନୀଳାଚଳ ପାଇଁ ଓ ବାରାଗାଡ଼ିଆ ଦଳିତ ସାହି ଟାଟା ପାଇଁ ଜିଇଁବାର ରାହା ଖୋଜୁଥିବା ଦେଖିବାକୁ ମିଳୁଛି ବୋଲି ଅଭିଯୋଗ କରିଥିଲେ। କୋରେଇଠାରୁ ସୁକିନ୍ଦା ପର୍ଯ୍ୟନ୍ତ ହଜାର ହଜାର ଯୁବକ ନିଯୁକ୍ତି ନ ପାଇ କାଳାତିପାତ କରୁଥିବା ଦେଖିବାକୁ ମିଳୁଛି। ଯାଜପୁର ସିଭିଲ ସୋସାଇଟ ଫୋରମର ସମ୍ପାଦକ ବିଶ୍ୱନାଥ ପାତ୍ରଙ୍କ ନେତୃତ୍ୱରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ପକ୍ଷରୁ ସନ୍ତୋଷ କିସ୍କୁ, ଦୁଷ୍ମନ୍ତ ଜେନା, ବାବୁଲି ପୂର୍ତ୍ତି, ଅର୍ଜୁନ ପୂର୍ତ୍ତି, ଲକ୍ଷ୍ମୀକାନ୍ତ ଟୁଡୁ, ସୂର୍ଯ୍ୟ ମାରାଣ୍ଡି, ଫୁଲ ମୁର୍ମୁ, ବାମପନ୍ଥୀ ନେତା ପ୍ରଫୁଲ୍ଲ ନାୟକ, ସରପଞ୍ଚ ବାବୁଲି ପାତ୍ର, ଶ୍ରୀନିବାସ ଷଣ୍ଢ ପ୍ରମୁଖଙ୍କ ନେତୃତ୍ୱରେ ଯାଜପୁରରୋଡ଼ ବସ୍‌ଷ୍ଟାଣ୍ଡରୁ ରାଲି ବାହାରି ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲା। ପରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇ କମ୍ପାନୀଙ୍କ ମନମୁଖୀ ନୀତି ବିରୁଦ୍ଧରେ ସରକାର ସ୍ୱତନ୍ତ୍ର ଆଇନ ଆଣିବାକୁ ଦାବି କରାଯାଇଥିଲା।




## ପଞ୍ଚୁକ ପାଇଁ ଜଗନ୍ନାଥ ମନ୍ଦିରରେ ହବିଷ୍ୟାଳୀଙ୍କ ଭିଡ଼



ଯାଜପୁର, ୧୩।୧୧(ସମିସ): ଆରମ୍ଭ ହୋଇଛି ପଞ୍ଚୁକ। ଚଳିତ ବର୍ଷ ତିଥି କ୍ଷୟ ପାଇଁ ୪ ଦିନ ପାଳିତ ହେଉଛି ପଞ୍ଚୁକ। ବୈତରଣୀ ନଦୀକୂଳରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ହବିଷ୍ୟାଳୀଙ୍କ ଭିଡ଼ ହୋଇଥିଲା। ବିଶ୍ୱାସ ରହିଛି ପଞ୍ଚୁକ ପାଞ୍ଚଦିନରେ ପୂଜା କଲେ ମୋକ୍ଷ ପ୍ରାପ୍ତି ହୁଏ ଓ ମୃତ୍ୟୁ ପରେ ଦେବଲୋକରେ ସ୍ଥାନ ମିଳେ। ଧର୍ମମାସ କାର୍ତ୍ତିକରେ ଏହି ବ୍ରତ ପାଳନ କଲେ କୋଟି ଜନ୍ମର ପୂଣ୍ୟ ମିଳିବାର ବିଶ୍ୱାସ ରହିଛି। ବିଶେଷକରି ହବିଷ୍ୟାଳି ନିଷ୍ଠାର ସହିତ ଏହି ବ୍ରତ ପାଳନ କରିଥା'ନ୍ତି। ଆଜି ଜଗନ୍ନାଥ ମନ୍ଦିର ପରିସରରେ ଶହ ଶହ ହବିଷ୍ୟାଳି ଏହି ବ୍ରତ ପାଳନ କରିଛନ୍ତି। ରାଧା ଦାମୋଦର ବେଶ ଧାରଣ କରି ପୂଜା କରୁଛନ୍ତି। ହବିଷ୍ୟାଳିଙ୍କ ରହିବା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରିଛି ପ୍ରଶାସନ। ସନ୍ଧ୍ୟାରେ ଗୀତା ଜାଗରଣ ପରିଷଦ ପକ୍ଷରୁ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା, ପ୍ରବଚନ ଆଦି କରାଯାଉଛି। ଜଗନ୍ନାଥ ମନ୍ଦିର ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରକୁ କେନ୍ଦ୍ରୀୟ ଗୁଣବତ୍ତା ପ୍ରମାଣପତ୍ର

କୁଆଖିଆ ୧୩।୧୧(ସମିସ): ରସୁଲପୁର ବ୍ଲକର କଲଣ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରକୁ ନେସନାଲ୍ କ୍ୱାଲିଟ୍ ଆସେସମେଣ୍ଟ ପକ୍ଷରୁ ଗୁଣବତ୍ତା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଉକ୍ତ କେନ୍ଦ୍ରରେ ସରକାରଙ୍କ ଯୋଜନାରେ ଯୋଗାଇ ଦିଆଯାଉଥିବା ସମସ୍ତ ସେବା ସଠିକ ଭାବେ ହେଉଥିବାରୁ ଏହି ପ୍ରମାଣପତ୍ର ବିଭାଗ ପକ୍ଷରୁ ଦିଆଯାଇଛି। ଗତ ୫ ତାରିଖରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ପରିଦର୍ଶନରେ ଆସି କେନ୍ଦ୍ରର ସମସ୍ତ ଆନୁଷଙ୍ଗିକ ନଥିପତ୍ର ସହ ସ୍ଥାନୀୟ ଜନସାଧାରଣ ମତାମତ ଗ୍ରହଣ କରିଥିଲେ। ଏଥିରେ ପର୍ଯ୍ୟବେକ୍ଷକ ଭାବେ ଡାକ୍ତର ନାଗଲକ୍ଷ୍ମୀ ଟୁଲିମେଲି, ଡାକ୍ତର ନିରଞ୍ଜନ ବଙ୍ଗୋପାଧ୍ୟାୟ, ଜିଲ୍ଲା କ୍ୱାଲିଟ୍ ମ୍ୟାନେଜର ଡାକ୍ତର ଲୋପାମୁଦ୍ରା ଦାଶମହାପାତ୍ର, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ପଶାୟତ, ଆୟୁଷ୍ ଡାକ୍ତର ବସନ୍ତ ପଣ୍ଡା, ବିପିଏମ୍ ଜ୍ୟୋସ୍ନାରାଣୀ ସାହୁ, ମଧୁସୂଦନ ଦାଶ, ବିଡିଏମ୍ ଯାଜ୍ଞସେନୀ ମୁଦୁଲି, ପିଏଚ୍‌ଇଓ ସରୋଜିନୀ ମହାନ୍ତି ଓ ସିଂହାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଜ୍ୟୋତିପ୍ରକାଶ ପଣ୍ଡା ପ୍ରମୁଖ ସାମିଲ ଥିଲେ।




## କବାଟବନ୍ଧ ମେଡିକାଲରେ ଚକ୍ଷୁ ଶିବିର



କବାଟବନ୍ଧ, ୧୩।୧୧(ସମିସ): ଗ୍ରାମାଞ୍ଚଳରେ ଚକ୍ଷୁ ରୋଗ ସମସ୍ୟା ଓ ଚକ୍ଷୁ ସମ୍ବନ୍ଧୀୟ ସମସ୍ତ ଚିକିତ୍ସା ଯୋଗାଇ ଦେବାକୁ ପ୍ରୟାସ ଆରମ୍ଭ ହୋଇଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ମାଗଣା ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। କବାଟବନ୍ଧ ମେଡିକାଲ ଅଫିସର ଡାକ୍ତର ନିହାର ରଞ୍ଜନ କରଙ୍କ ସହଯୋଗରେ ଚଣ୍ଡିଖୋଲସ୍ଥ ସାଇ ନେତ୍ର ମନ୍ଦିର ଚକ୍ଷୁ ଚିକିତ୍ସା କେନ୍ଦ୍ର ପକ୍ଷରୁ ଏହି ଶିବିରର ଆୟୋଜନ କରାଯାଇଥିଲା। ଅଭିଜ୍ଞ ଚକ୍ଷୁ ପରୀକ୍ଷକ ଯୋଗଦେଇ ବିଭିନ୍ନ ପରୀକ୍ଷା କରିଥିଲେ। ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି ଶିବିର ଚାଲିଥିଲା। ଏହି ଶିବିରରେ ୫୫ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ମୋତିଆବିନ୍ଦୁ ଓ ଅନ୍ୟାନ୍ୟ ଅଧିକ ଚିକିତ୍ସା ଓ ଅସ୍ତ୍ରୋପଚାର ଆବଶ୍ୟକ ଥିବା ୯ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ସାଇ ନେତ୍ର ମନ୍ଦିର ପକ୍ଷରୁ ସେମାନଙ୍କୁ ନିଆଯାଇ ବିଏସକେୱାଇ କାର୍ଡ ମାଧ୍ୟମରେ ଚିକିତ୍ସା କରାଯିବ।

## ବିରଜା ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଯାଜପୁର ଟାଉନ, ୧୩।୧୧ (ସମିସ): ଯାଜପୁର ପୌରପାଳିକା ଅନ୍ତର୍ଗତ ବିରଜା ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମହାପାତ୍ର ଅବସର ଗ୍ରହଣ କରିଛନ୍ତି। ଏ ନେଇ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ ବିଶ୍ୱମ୍ଭର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଦେବାଶିଷ ମହାନ୍ତି, ରଜତ ବୋଷ, ସୁପ୍ରଭା ନାୟକ, ଅଳକାନନ୍ଦା ଦାଶ, ସବିତା ଦାସ, ଅଜୟ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଅମୀୟ ସ୍ୱାଇଁ ସଭା ପରିଚାଳନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଉମେଶ ସ୍ୱାଇଁ, ଲିପିକା ମୁଦୁଲି, ଶୁଭଶ୍ରୀ ସେଠୀ, ରେଖାରାଣୀ ମଲ୍ଲିକ, ପ୍ରଶାନ୍ତ ସନ୍ଧିବିଗ୍ରହ, ସୁପ୍ରଭା ସାହୁ, ମନସ୍ମିତା ଭଦ୍ର, ଅନ୍ନପୂର୍ଣ୍ଣା ମହାନ୍ତି, ମିନାକ୍ଷୀ ଜେନା, ବିଜୟଲକ୍ଷ୍ମୀ ପରିଡ଼ା, ରାଜଲକ୍ଷ୍ମୀ ମହାପାତ୍ର, ଜମିଲୁର ରସିଦ୍ ଖାଁ, ଅଶୋକ କର, ୟୁସୁଫ୍ ଅଲ୍ଲୀ ଖାଁ ପ୍ରମୁଖ ସହାୟତା କରିଥିଲେ।



## ତାରିଣୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ



କାଳିଆପାଣି, ୧୩।୧୧ (ସମିସ): ଓଡ଼ିଶା ଖଣି ନିଗମ କଲୋନୀ ପରିସରରେ ତାରିଣୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଖଣି ନିଗମ ଅଧୀନରେ ଥିବା କାଳିଆପାଣି ଟାଉନସିପ କଲୋନୀ ପରିସରରେ ତାରିଣୀ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଓଡ଼ିଶା ଖଣି ନିଗମ କର୍ମଚାରୀ ରମେଶ ସ୍ୱାଇଁ ସସ୍ତ୍ରିକ ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଥିବାବେଳେ ପଣ୍ଡିତ ସୂର୍ଯ୍ୟକାନ୍ତ ମିଶ୍ର ମୁଖ୍ୟ ପୂଜକ ଥିଲେ। ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ନାୟକଙ୍କ ପ୍ରଚେଷ୍ଟାରେ ଓଡ଼ିଶା ଖଣି ନିଗମ ଆଞ୍ଚଳିକ ପରିଚାଳକ ଆଶିଷ ସାମନ୍ତ ରାୟଙ୍କ ନିର୍ଦ୍ଦେଶରେ କାଳିଆପାଣି ନିର୍ମାଣ ବିଭାଗ ମୁଖ୍ୟ ଭାଗୀରଥି ମାଝୀ ଓ ଉପମୁଖ୍ୟ ସନ୍ତୋଷ ଦାସ ଗର୍ଭ ଗୃହ ନିର୍ମାଣ କାର୍ଯ୍ୟ ସମ୍ପାଦନ କରାଇଥିଲେ। ଜଣାଶୁଣା ମୂର୍ତ୍ତିଶିଳ୍ପୀ କୈଳାସ ନାୟକଙ୍କ ନେତୃତ୍ୱରେ ମନ୍ଦିର ଗର୍ଭ ଗୃହ ନିର୍ମାଣ ହୋଇଥିଲା। ଖଣି ନିଗମର ଦକ୍ଷିଣ କାଳିଆପାଣି ଖଣି ପରିଚାଳକ ଗଣେଶ୍ୱର ଭୂୟାଁ ଉପସ୍ଥିତ ରହି ପୂଜା କରିଥିଲେ। ଖଣି ନିଗମ ନିର୍ମାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ବେହେରା, ନିରୁକେଶ ମିଶ୍ର, ଲବଙ୍ଗ ଡାଙ୍ଗୁଆ, ସାଗରିକା ଦାସଙ୍କ ସହ ସାମ୍ବାଦିକ ଅସିତ ମହାନ୍ତ, ଦୟାନିଧି ମହାନ୍ତ ଓ ଖଣି ନିଗମ ଠିକାଦାର ପ୍ରତିଷ୍ଠା ଉତ୍ସବକୁ ପରିଚାଳନା କରିଥିଲେ।

## ଜିଲ୍ଲା ପରିଷଦ ସଭ୍ୟାଙ୍କ ଭାଇଙ୍କୁ ଆକ୍ରମଣ ଘଟଣା

# ୫ ଦିନ ପରେ ପୁଣି ଧର୍ମଶାଳା ପୁଲିସର ତଦନ୍ତ

କବାଟବନ୍ଧ, ୧୩।୧୧(ସମିସ)

ଧର୍ମଶାଳା ନିର୍ବାଚନମଣ୍ଡଳୀର ୧୩ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରାଙ୍କ ଭାଇ ସନ୍ଦୀପ କୁମାର ବେହେରାଙ୍କୁ ଗତ ୯ ତାରିଖରେ ଆକ୍ରମଣ କରାଯିବା ସହ ତାଙ୍କ ଗାଡ଼ିକୁ ଭାଙ୍ଗିଦିଆଯାଇଥିଲା। ଏ ନେଇ ସନ୍ଦୀପଙ୍କ ପତ୍ନୀ ଜ୍ୟୋତିର୍ମୟୀ ଦାସ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଘଟଣାରେ ପୁଲିସ କାହାକୁ ଗିରଫ କରି ନ ଥିବାବେଳେ ୫ ଦିନ ପରେ ପୁଣି ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି ଧର୍ମଶାଳା ପୁଲିସ। ଆକ୍ରମଣର ଶିକାର ହୋଇଥିବା ସନ୍ଦୀପଙ୍କ କହିବା ଅନୁଯାୟୀ ୯ତାରିଖ ଶନିବାର ରାତି ପ୍ରାୟ ୮ଟା ବେଳେ ପଞ୍ଚାୟତର ଏକ ମିଟିଂ ସାରି କାର୍‌ରେ ଘରକୁ ଫେରୁଥିଲେ। ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଓଭରବ୍ରିଜ କଡ଼ରେ ମାଣ୍ଡିଆ ଛକରୁ ବିରିବାଟି ଆସୁଥିଲେ। ରାସ୍ତା ଖରାପ କାରଣରୁ ଟ୍ରାଫିକ ଜାମ ହୋଇଥିଲା। ଫଳରେ ସେ ଅଟକିଥିଲେ। ଏହି ସମୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଆକ୍ରମଣକାରୀ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ଛାତି ଓ କାନ୍ଧକୁ ମାଡ଼ ମାରିଥିଲେ। ଟ୍ରାଫିକ ଜାମ ଖୋଲିବାରୁ ତରବରରେ ଜୀବନ ବଞ୍ଚାଇବା ପାଇଁ ସନ୍ଦୀପ ଗାଡ଼ିକୁ ଆଗକୁ ନେଇଥିଲେ। ସନ୍ଦୀପ ପଳାଇଯିବାରୁ ଆକ୍ରମଣକାରୀ ତାଙ୍କ ଗାଡ଼ିକୁ ପଥର ଫିଙ୍ଗିଥିଲେ। ଗାଡ଼ିର ବାମପଟ ପଛ ଡୋର କାଚ ଓ ଡାହାଣପଟ ଡୋରରେ ମାଡ଼ ହୋଇଥିଲା। ପରେ କାର୍‌କୁ ପିଛା କରି ଗାଁ ପର୍ଯ୍ୟନ୍ତ ଆସିଥିଲେ। ଭୟଭୀତ ହୋଇ ଘରେ ପହଞ୍ଚିବା ପରେ ବେହୋସ ହୋଇ ଯାଇଥିଲେ। ସହାୟତା ପାଇଁ ପରିବାର ଲୋକେ ପୁଲିସ ହେଲ୍‌ପ ଲାଇନ ଓ ଧର୍ମଶାଳା ଥାନାକୁ ଖବର ଦେଇଥିଲେ। ଧର୍ମଶାଳା ପୁଲିସର ୨ଟି ଭ୍ୟାନ ସନ୍ଦୀପଙ୍କ ଘରେ ପହଞ୍ଚି ତାଙ୍କୁ ଧର୍ମଶାଳା ମେଡ଼ିକାଲକୁ ନେଇଥିଲେ। ସେଠାରେ ତାଙ୍କର ଚିକିତ୍ସା ପରେ ଯାଜପୁରରୋଡ୍ ଏସଡିପିଓ ସଞ୍ଜୟ ପଟ୍ଟନାୟକ ତାଙ୍କୁ ଘରେ ଛାଡ଼ିଥିଲେ। ଏହାପରେ ବଡ଼ଚଣା, ଜେନାପୁର, ବାଲିଚନ୍ଦ୍ରପୁର ପୁଲିସ ଓ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଆକ୍ରମଣକାରୀଙ୍କୁ ଧରିବା ପାଇଁ ବିଭିନ୍ନ ଜାଗାରେ ଚଢ଼ଉ କରିଥିଲେ। ତେବେ କାହାକୁ ଧରିବାରେ ସଫଳ ହୋଇ ନ ଥିଲେ। ପରଦିନ ଧର୍ମଶାଳା ଓ ଜେନାପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁସନ୍ଧାନ କରି ତଦନ୍ତ କରିଥିଲେ। ସେହିପରି ଗତ ୩ ତାରିଖ ବିଳମ୍ବିତ ରାତିରେ ସନ୍ଦୀପ ଓ ତାଙ୍କ ପତ୍ନୀ ଜ୍ୟୋତିର୍ମୟୀଙ୍କ ନାମରେ ଥିବା ଦୁଇଟି ହାଇୱା ଗାଡ଼ିକୁ ଦୁର୍ବୃତ୍ତ ଭଙ୍ଗାରୁଜା କରିଥିଲେ। ଏ ନେଇ ଜ୍ୟୋତିର୍ମୟୀ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ।



ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ଇଂ ଶରତ ଚନ୍ଦ୍ର ଚୌଧୁରୀ
ଆବିର୍ଭାବ: ୦୧.୦୪.୧୯୪୦
ତିରୋଧାନ: ୦୩.୧୧.୨୦୨୪

ବିଶ୍ୱ ବ୍ୟାଙ୍କ ସହାୟତାରେ ଓଡିଶା ସ୍ୱାସ୍ଥ୍ୟ ଉନ୍ନତିକରଣ ପ୍ରକଳ୍ପରେ ସ୍କାଗ, ଭୁବନେଶ୍ୱର ତରଫରୁ ଅଭିଜ୍ଞ ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ନିର୍ମାଣ ଓ ଉନ୍ନତିକରଣ କାର୍ଯ୍ୟରେ ପ୍ରକଳ୍ପ ସଂଯୋଜକ ରୂପେ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସ୍କାଗର ପ୍ରଗତି ପଥରେ ବିଗତ ୨୫ ବର୍ଷରେ ଆପଣଙ୍କର ବୈଷୟିକ ଜ୍ଞାନର ଅନୁଭୂତି ଓ କାର୍ଯ୍ୟ ସଂପାଦନ ପାଇଁ ଆମେ ସମସ୍ତେ କୃତଜ୍ଞ ଓ ଆମ ସମସ୍ତଙ୍କର ଚିର ନମସ୍ୟ। ଆପଣଙ୍କ ବିୟୋଗରେ ସ୍କାଗ ପରିବାର ଅତ୍ୟନ୍ତ ମର୍ମାହତ ଓ ଶୋକାଭିଭୂତ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

ସ୍କାଗ ପରିବାର
M/s Senior Consultant & Advisor Group (SCAG), Bhubaneswar.





ଅଚଳ ହୋଇପଡ଼ିଛି ସୌରଚାଳିତ ପାଣି ପ୍ରକଳ୍ପ

## ଜଳକଷ୍ଟ ଭୋଗୁଛନ୍ତି ବ୍ୟବସାୟୀ ଓ ଯାତ୍ରୀ

ବଡ଼ଚଣା, ୧୩।୧୧(ସମିସ): ଚଣ୍ଡିଖୋଲ ଛକରେ ପ୍ରତିଷ୍ଠା କରାଯାଇଥିବା ସୌରଚାଳିତ ପାଣି ପ୍ରକଳ୍ପ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତାହାକୁ ସଚଳ କରାଯାଇଥିଲା। ତେବେ ସଚଳ ହେବାର ମାତ୍ର କେଇଟା ଦିନ ପରେ ପୁଣି ସେହି ଟାଙ୍କି ଏବେ ଅଚଳ ହୋଇପଡ଼ିଛି। ଫଳରେ ବ୍ୟବସାୟୀ ଓ ବସ୍ ଯାତ୍ରୀ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ମୁତାବକ, ପାନୀୟ ଜଳର ସୁବିଧା ପାଇଁ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ତାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୨୦୨୨ ଜୁନ୍ ମାସରେ ଚଣ୍ଡିଖୋଲ ଛକଠାରେ ଥିବା ପରିବା ମାର୍କେଟ ନିକଟରେ ସୌରଚାଳିତ ପାଣି ଟାଙ୍କିର ବ୍ୟବସ୍ଥା କରିଥିଲେ। ଏହା ନିକଟରେ ଯାତ୍ରୀ ବିଶ୍ରାମଗାର ମଧ୍ୟ ରହିଛି। ତେବେ ଏହି ଟାଙ୍କିଟି ସେତେବେଳେ କିଛିଦିନ କାର୍ଯ୍ୟ କରିବା ପରେ ଅଚଳ ହୋଇପଡ଼ିଥିଲା। ସେତେବେଳେ ଏହି ପାଣିଟାଙ୍କି ନିକଟ ଅଞ୍ଚଳଟି ଦୂଷିତ ପରିବେଶ ମଧ୍ୟରେ ରହିଥିବାରୁ ଏହାକୁ ସଚଳ କରିବାକୁ କେହି ଧ୍ୟାନ ଦେଇ ନ ଥିଲେ। ପରେ ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଏହାକୁ ସଚଳ କରାଯାଇଥିଲା। ଏଥିରୁ ବ୍ୟବସାୟୀ ଓ ଯାତ୍ରୀମାନେ ବେଶ ଉପକୃତ ହେଉଥିଲେ। ଗତ କିଛିଦିନ ହେବ ଏହି ବ୍ୟବସ୍ଥା ଏଠାରେ କାମ କରୁନାହିଁ। ଏଥିରେ ବ୍ୟବହୃତ ମୋଟର ସହିତ ସୌରଚାଳିତ ଯନ୍ତ୍ର ନ ଥିବା ଦେଖିବାକୁ ମିଳୁଛି। ଏଥିପାଇଁ ଏହା ଅଚଳ ହୋଇ ପଡ଼ିଥିବା କୁହାଯାଉଛି। ତୁରନ୍ତ ଏହି ସୌରଚାଳିତ ପାଣି ଟାଙ୍କିକୁ ସଚଳ କରିବା ସହିତ ଏହାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି କରାଯାଇଛି।

## ହେଉନି ମରାମତି; ପାଟରଙ୍ଗା ରାସ୍ତା ଶୋଚନୀୟ



ରଗଡ଼ି, ୧୩।୧୧(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତଳଗଡ଼ ଗ୍ରାମ ନିକଟରୁ ପାଟରଙ୍ଗା ଭାୟା ଉପରଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ୩ କିଲୋମିଟର ରାସ୍ତା ମରାମତି ଅଭାବରୁ ଖାଲଖମାରେ ପରିଣତ ହୋଇଛି। ଫଳରେ ଯାତାୟାତରେ ଘୋର ସମସ୍ୟା ଭୋଗ କରୁଛନ୍ତି ସ୍ଥାନୀୟ ବାସିନ୍ଦା। ବିଭିନ୍ନ ସ୍ଥାନରେ ପିଚୁ ଉଠିଯିବା ସହ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଏଥିରେ ପାଣି ଜମିଛି। ଫଳରେ ପଥଚାରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ରାତି ସମୟରେ ଯାତାୟାତରେ ଅଧିକ ବିପଦ ସୃଷ୍ଟି କରୁଛି। ଦୈନିକ ଶତାଧିକ ଗାଡ଼ି ଏହି ରାସ୍ତାରେ ଚଳପ୍ରଚଳ କରୁଛି। ଲୋକେ ଏହି ରାସ୍ତା ଦେଇ ମୁଖ୍ୟ ବାଣିଜ୍ୟ କେନ୍ଦ୍ର ଯାଜପୁରରୋଡ, କଳିଙ୍ଗନଗର ଶିଳ୍ପାଞ୍ଚଳ ଓ କୋରେଇରେ ଥିବା ବିଭିନ୍ନ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ସ୍ଥାନକୁ ଯାତାୟାତ କରିଥା'ନ୍ତି। ସ୍କୁଲ କଲେଜକୁ ମଧ୍ୟ ଛାତ୍ରଛାତ୍ରୀ ଯାତାୟାତ କରନ୍ତି। ଉକ୍ତ ରାସ୍ତା ଗ୍ରାମବାସୀଙ୍କ ଗମନାଗମନର ଏକମାତ୍ର ପ୍ରମୁଖ ରାସ୍ତା ହୋଇଥିବାରୁ ଲୋକଙ୍କ ଯାତାୟତ ପାଇଁ ସ୍ଥାନୀୟ ବିଧାୟକ ଓ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ମାନପୁର ଛକରେ ସରକାରୀ ଜମି ଜବରଦଖଲ ଅଭିଯୋଗ

ଦାନଗଦି, ୧୩।୧୧ (ସମିସ): ମାନପୁର ଛକ ନିକଟ ବ୍ରାହ୍ମଣ ସାହିରେ ସରକାରୀ ଜମି ଜବରଦଖଲ ହୋଇଥିବା ଅଭିଯୋଗ ହୋଇଛି। ପ୍ରଶାସନ ସବୁ ଜାଣି ନିରବ ରହିଛି। ରାଜ୍ୟ ସରକାର ସରକାରୀ ଜମି ଜବରଦଖଲ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଉଥିବାବେଳେ ଦାନଗଦି ତହସିଲରେ ଜବରଦଖଲ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବ୍ଲକ ଓ ତହସିଲ ଅଫିସ ଚାରିପାଖରେ ଥିବା ଗାଁରେ ଜବରଦଖଲ ବଢୁଥିବାବେଳେ ପ୍ରଶାସନିକ ଅଫିସର କିପରି ଦେଖି ପାରୁନାହାନ୍ତି କି ଜାଣି ପାରୁନାହାନ୍ତି ତାହା ସମସ୍ତଙ୍କୁ ଚକିତ କରିଛି।

ଧୂଳିଗଡ଼ ପଞ୍ଚାୟତର ମାନଗୋବିନ୍ଦପୁର ଛକ ପାଖରେ ଥିବା ବ୍ରାହ୍ମଣ ସାହିରେ ଜଣେ ବ୍ୟକ୍ତି ବ୍ୟବସାୟ ପ୍ରତିଷ୍ଠାନ ଉଦ୍ଦେଶ୍ୟରେ ଅନାବାଦୀ ଜାଗା (ଜଙ୍ଗଲ ଜମି) ଖାତା ନମ୍ବର ୮୯ ପ୍ଲଟ ନମ୍ବର ୨ରେ ଏକ ଏକରରୁ ଊର୍ଦ୍ଧ୍ୱ ଜାଗାକୁ ଦଖଲ କରି ତାର ବାଡ଼ ଘେରାଇ ମେସିନ ମେସିନ ଦ୍ୱାରା ଜାଗାକୁ ସମତଳ କରି ଘର ଆରମ୍ଭ କରିବାକୁ ବସିଛନ୍ତି। ସ୍ଥାନୀୟ ଲୋକେ ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ସେ ନିରବ ରହିବାର କାରଣ କ'ଣ କିଛି ବୁଝାପଡୁନି। ପ୍ରଶାସନ ଦୃଷ୍ଟିକୁ ଆଣୁଥିଲେ ମଧ୍ୟ କୌଣସି କାର୍ଯ୍ୟନୁଷ୍ଠାନ ହେଉନାହିଁ। ବାହାର ଅଞ୍ଚଳର ଲୋକେ ସରକାରୀ ଜମିକୁ ଜବରଦଖଲ କରି ବେଆଇନ ନିର୍ମାଣ କରିଚାଲିଛନ୍ତି। ତେବେ ପ୍ରଶାସନ ସବୁ ଜାଣି ଶୁଣି ଅର୍ଥ ଲୋଭରେ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେଉଛି। ତହସିଲ ଚତୁପାର୍ଶ୍ୱରେ ଏଭଳି ଜବରଦଖଲ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଜବରଦଖଲ ସରକାରୀ ଜମି ଚିହ୍ନଟ କରି ମୁକ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

## ରକ୍ତଦାନ ଶିବିର; ୭୬ ୟୁନିଟ୍ ସଂଗୃହୀତ

ବିଞ୍ଝାରପୁର, ୧୩।୧୧(ସମିସ): ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷା ବିନ୍ଦୁରେଖା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ମୁଖ୍ୟଅତିଥି ଡ. ବଟକୃଷ୍ଣ ମହାପାତ୍ର ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଦନ୍ତରୋଗ ବିଶେଷଜ୍ଞ ଡା. ସୁନୀ କୁମାର ପୃଷ୍ଟି ଓ ଶିଶୁ ରୋଗ ବିଶେଷଜ୍ଞ ଡା. ସୁପ୍ରକାଶ ଶତପଥୀ ଯୋଗଦେଇ ରକ୍ତଦାନର ମହତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଡ. ମହାପାତ୍ର ରକ୍ତଦାନ କରିବା ଦ୍ୱାରା କିପରି ବହୁମୂଲ୍ୟ ଜୀବନ ରକ୍ଷା କରାଯାଇପାରୁଛି, ସେ ସମ୍ପର୍କରେ ନିଜର ମତ ପ୍ରକାଶ କରିଥିଲେ। ଏହି ଶିବିରରେ ରେଡକ୍ରସ ଅଧିକାରୀ କୃଷ୍ଣଚନ୍ଦ୍ର ଜେନା, ମଧୁସ୍ମିତା ସାମଲ, ଜାତୀୟସେବା ଯୋଜନା ଅଧିକାରୀ ବାସୁଦେବ ମଲ୍ଲିକ, ମୋନାଲିସା ନାୟକ, ଡ. ଦୀପକ ଜେନା, ଭାରତ ସ୍କାଉଟ୍ ଗାଇଡ ରୋଭରରେଞ୍ଜର ମନସ୍ୱିନୀ ବେହେରା, ବଳରାମ ଦେ, ରାଜରାଜେଶ୍ୱରୀ ମିଶ୍ର, ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଏହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରବୀର କର, ମିହିର ବିକାଶ ମହାନ୍ତି, ସୁବ୍ରତ ଦାସ, ରବୀନ୍ଦ୍ର ପରିଡ଼ା, ସୁଧୀର ମିଶ୍ରଙ୍କ ପ୍ରତ୍ୟକ୍ଷ ସହଯୋଗରେ ୭୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ସୁଭାଷ ବୋଷ ଇଂଲିଶ ମିଡିୟମ ସ୍କୁଲରେ ବିଜ୍ଞାନ ମେଳା

ପାଣିକୋଇଲି, ୧୩।୧୧(ସମିସ): ପାଣିକୋଇଲିସ୍ଥ ସୁଭାଷ ବୋଷ ଇଂଲିଶ ମିଡିୟମ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି।



ଏହି ବିଜ୍ଞାନ ମେଳାରେ ପ୍ରଦୂଷଣ ନିୟନ୍ତ୍ରଣ, ଜଳଚକ୍ର, ହୃତ୍‌ପିଣ୍ଡ ମଡେଲ, ଆଶୁ ଚିକିତ୍ସା, ସୌର ଓ ପବନ, ଚନ୍ଦ୍ରଗହଣ, ସୂର୍ଯ୍ୟପରାଗ, ଔଷଧୀୟ ବୃକ୍ଷ, ପଞ୍ଚଇନ୍ଦ୍ରିୟ, ଚକ୍ଷୁ, ହୃତ୍‌ପିଣ୍ଡ ସଞ୍ଚାଳନ, ବନ୍ୟା ସତର୍କ ଘଣ୍ଟି ଆଦି ପ୍ରକଳ୍ପ ସ୍ଥାନ ପାଇଥିଲା। ୪୫ ଜଣ ଛାତ୍ରାଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜୁନିୟର ବିଭାଗରେ ଓମେର ମୁସ୍ତାଫା ଖାନ, ନେନିସ ମହାପାତ୍ର ଓ ଆରଜେ ତପସ୍ୱନୀ ସାହୁ, ସିନିୟରରେ ଭାଗଶ୍ରୀ ଦଳାଇ, ସ୍ନେହାଂଶୁ ରଣା, ଆର.ଜେ ସୋହମ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ।

ପ୍ରଧାନଶିକ୍ଷକ ରବୀନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ବିଜନ ଧଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପାଣିକୋଇଲି ମା'ତାରିଣୀ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଅଧ୍ୟାପକ ସୁଶାନ୍ତ ପଣ୍ଡା, ମୁଖ୍ୟବକ୍ତା ଭାବେ ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ଅର୍ଜୁନ ସାହୁ ଓ ସମ୍ମାନିତ ଅତିଥି ଭାବେ ଡାକ୍ତର ନିର୍ମଳ ରଥ ଯୋଗ ଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବିରଜାକ୍ଷେତ୍ର ପରିକ୍ରମା ଓ ରୁଦ୍ରମହାଯଜ୍ଞ ପ୍ରସ୍ତୁତି ବୈଠକ



ଯାଜପୁର ଟାଉନ, ୧୩।୧୧(ସମିସ): ବିରଜା ମନ୍ଦିର ଦୋଳ ମଣ୍ଡପଠାରେ ବିରଜାକ୍ଷେତ୍ର ପରିକ୍ରମା ଓ ରୁଦ୍ରମହାଯଜ୍ଞ ସମିତି ପକ୍ଷରୁ ପ୍ରସ୍ତୁତି ବୈଠକ ଅଧ୍ୟକ୍ଷ ଉଦୟାନନ୍ଦ ପର୍ବତ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମିତିର ଉପଦେଷ୍ଟା ବିରଜା ମନ୍ଦିର ମୁକ୍ତିମଣ୍ଡପ ସେବାୟତ ପରିଷଦର ସଭାପତି ପଣ୍ଡିତ ଦେବୀପ୍ରସାଦ ପାଣି, ବରିଷ୍ଠ ସେବାୟତ ପଣ୍ଡିତ ସୁବାସ ଚନ୍ଦ୍ର ପାଣି, ଅଧିକାରୀ ନବକିଶୋର ଦାସ, ବରିଷ୍ଠ ସେବାୟତ ପଣ୍ଡିତ ଜଗନ୍ନାଥ ପାଣି, ରାଧେକୃଷ୍ଣ ଦାସ ମହାରାଜ, ପାଳଦାର ପୂର୍ବତନ ସରପଞ୍ଚ ସୁଧାଂଶୁ ଶେଖର ଦାସ ପ୍ରମୁଖ ଯୋଗଦେଇ ବିରଜା କ୍ଷେତ୍ର ପରିକ୍ରମା ଓ ରୁଦ୍ରମହାଯଜ୍ଞ ପ୍ରସ୍ତୁତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବହୁ ଶୁଭେଚ୍ଛୁ ଓ ସମିତିର ବରିଷ୍ଠ ସଦସ୍ୟ ବିଷ୍ଣୁ ଚରଣ ବାରିକ, ମକର କେତନ ନାଥ, ବାମଦେବ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସମିତିର ପ୍ରଚାର କମିଟି ସଂଯୋଜକ ମୀନକେତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ରାଷ୍ଟ୍ର ଗଠନରେ ଶିକ୍ଷକଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର

ବାଲିଚନ୍ଦ୍ରପୁର, ୧୩।୧୧(ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ନବମାଳତୀ ଅଡିଟୋରିଅମ୍ ହଲ୍‌ରେ ସ୍ନାତକୋତ୍ତର ଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ଶିକ୍ଷା ଦିବସ ପାଳନ ଅବସରରେ 'ରାଷ୍ଟ୍ର ଗଠନରେ ଶିକ୍ଷକଙ୍କ ଭୂମିକା' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅଧ୍ୟକ୍ଷ ଡ. ମନୋଜ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ପୂର୍ବତନ ପ୍ରଧ୍ୟାପକ ଓ ବିଭାଗୀୟ ମୁଖ୍ୟ ଡ. ବନବିହାରୀ ମିଶ୍ର, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ରମାକାନ୍ତ ମହାଳିକ, ସ୍ୱତନ୍ତ୍ର ବକ୍ତା ଭାବେ ଡ. ଦୀପକ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ସତ୍ୟବ୍ରତ ପୃଷ୍ଟି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେମିନାରର ସଂଯୋଜକ ଡଃ ଦିଲ୍ଲୀପ ନାୟକ ଓ ପରିଚାଳନା ସଂଯୋଜକ ଭାବେ ରିଡର ମଥୁରୀ ବେହେରା ଯୋଗ ଦେଇଥିଲେ। ଅଧ୍ୟାପକ ମନୋଜ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ମଧୁସ୍ମିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ଓ ଗବେଷକ ହିମାଂଶୁ ଭୂଷଣ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଯକ୍ଷ୍ମାମୁକ୍ତ ଭାରତ ଗଠନ ପାଇଁ ସଚେତନତା

ଦଶରଥପୁର, ୧୩।୧୧(ସମିସ): ୨୦୨୫ ଶେଷ ସୁଦ୍ଧା ସମଗ୍ର ଦେଶକୁ ଯକ୍ଷ୍ମା ମୁକ୍ତ କରିବାକୁ ସଂକଳ୍ପ ନିଆଯାଇଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦଶରଥପୁର ବ୍ଲକ ନନ୍ଦିପୁର ସରକାରୀ ଉଚ୍ଚବିଦ୍ୟାଳୟ ଓ ବାବଲପୁରସ୍ଥ ଦଧିବାମନ ଉଚ୍ଚ ବିଦ୍ୟାଳୟରେ ଯକ୍ଷ୍ମାରୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ନନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ଅନୁପ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ଶିବିରରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ (ଟିବି) ଡାକ୍ତର ଦେବାରାଜ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଂଯୋଜକ ସୁରେନ୍ଦ୍ର ମିଶ୍ର ସମ୍ମାନିତ ଅତିଥି, ମାନସ ରଞ୍ଜନ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯକ୍ଷ୍ମାରୋଗର କାରଣ, ଲକ୍ଷଣ, ବ୍ୟାପକ, ଭୟାବହତା ଓ ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ପିଲାଙ୍କ ମଧ୍ୟରେ ରୋଗ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମାଜସେବୀ ଦିଲ୍ଲୀପ ଦଳାଇଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସନ୍ତୋଷ ସାହୁ, ବିଶ୍ୱନାଥ ପରିଡ଼ା, ହିମାଂଶୁ ଶତପଥୀ, ପ୍ରମିଳା ତ୍ରିପାଠୀ, ଶିବାନୀ ମୁଣ୍ଡା, କଳ୍ପନା ମହଲା, ସସ୍ମିତା ରାହୁଲଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ଦଧିବାମନ ଉଚ୍ଚବିଦ୍ୟାଳୟରେ ଆୟୋଜିତ ଶିବିରରେ ପ୍ରଧାନଶିକ୍ଷକ ପ୍ରଶାନ୍ତ ପାଢ଼ୀ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ଭରତ ଚନ୍ଦ୍ର ଶତପଥୀ, କୈଳାସ ଚନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ଅନୀମା ବିଶ୍ୱାଳ, ମହାମାୟା ଦାସ କାର୍ଯ୍ୟକ୍ରମ ସହାୟତା କରିଥିଲେ।

## ଧର୍ମଶାଳା ମହୋତ୍ସବ ପ୍ରସ୍ତୁତି ବୈଠକ

ଜାରକା, ୧୩।୧୧(ସମିସ):ଧର୍ମଶାଳା ବ୍ଲକ ଜାରକାଠାରେ ଡିସେମ୍ବର ୧୬ରେ ଆରମ୍ଭ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ଓ ଧର୍ମଶାଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଜାରକାସ୍ଥ ତ୍ରିନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ମହୋତ୍ସବ ପୂଜା କମିଟି ସଭାପତି ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଚଳିତଥର ପୂଜା ଓ ମହୋତ୍ସବ କିଭଳି ମହାସମାରୋହରେ ଆୟୋଜିତ ହେବ, ସେ ନେଇ ସମସ୍ତ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଗଜଲକ୍ଷ୍ମୀ ପୂଜା ଅବସରରେ ଡିସେମ୍ବର ୨୫ ତାରିଖରେ ଧର୍ମଶାଳା ମହୋତ୍ସବ ଉଦ୍‌ଘାଟନ ହେବ ଓ ୫ ତାରିଖରେ ଉଦ୍‌ଯାପିତ ହୋଇ ୬ ତାରିଖରେ ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର କରଯାଇଛି।

ଚଳିତଥର ମହୋତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ସହିତ ମହୋତ୍ସବ ପଡ଼ିଆର ସମ୍ପ୍ରସାରଣ ଉପରେ ଧ୍ୟାନ ଦେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ପୂର୍ବାପେକ୍ଷା ଚଳିତ ବର୍ଷ ମହୋତ୍ସବକୁ ବଡ଼ ଆକାରରେ କରିବାକୁ ବ୍ୟବସ୍ଥା କରାଯାଇଛି। ବୈଠକରେ କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାଶ, ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସମ୍ପାଦକ ଶ୍ରୀକାନ୍ତ ସାହୁ, ସହସମ୍ପାଦକ ଜିତେନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଶରତ କୁମାର ଓଝା, ସଂଯୋଜକ ଦେବରାଜ ମିଶ୍ର, ସବ୍ୟସାଚୀ ସୁନ୍ଦରରାୟ, ବିଚିତ୍ର ସ୍ୱାଇଁ ରାଜେସ ପାଳ, ଲୋକନାଥ ମହାନ୍ତିଙ୍କ ସମେତ ରାଜକୁମାର ଶତପଥୀ, ଅଜୟମହାପାତ୍ର, ରାମଚନ୍ଦ୍ର ମଲିକ, କିଶୋରନାୟକ ପ୍ରମୁଖ ବରିଷ୍ଠ ସଭ୍ୟ ଉପସ୍ଥିତ ଥିଲେ।

## ଶ୍ରୀମଦ୍ ଭାଗବତ ଆଲୋଚନା ଓ ବୋଇତ ବନ୍ଦାଣ ଉତ୍ସବ

ଯାଜପୁର ଟାଉନ, ୧୩।୧୧ (ସମିସ): ବୈତରଣୀ ନଦୀ କୂଳସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଚାଲିଥିବା ସପ୍ତଦିବସବ୍ୟାପୀ ଶ୍ରୀମଦ୍ ଭାଗବତ ଆଲୋଚନା ଓ ବୋଇତ ବନ୍ଦାଣ ଉତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠାନର ସଭାପତି ଆଇନଜୀବୀ ପ୍ରତୀମା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ପଣ୍ଡିତ ବୈକୁଣ୍ଠନାଥ ପତି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପଣ୍ଡିତ ହୃଷିକେଶ ପତି ସ୍ତୋତ୍ର ପାଠ କରିଥିଲେ। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ ଯୋଗଦେଇ କାର୍ତ୍ତିକ ମାସରେ ରାଇ ଦାମୋଦରଙ୍କ ପୂଜା ଓ ହବିଷ୍ୟାଳିଙ୍କ ମାସାଧିକ ବ୍ରତ ସନାତନ ହିନ୍ଦୁ ଧର୍ମର ସାମଗ୍ରିକ ଐଶ୍ୱରୀୟ ଚେତନାରେ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିଥାଏ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ପ୍ରାକ୍ତନ ପୁଲିସ୍ ପ୍ରଶାସକ ଗଦାଧର ରାଉତ ଯୋଗଦେଇ ଏହି ମାସ ବର୍ଷର ୧୨ ମାସ ମଧ୍ୟରେ ଶ୍ରେଷ୍ଠ ମାସ ଓ ବୃନ୍ଦାବତୀଙ୍କ ପୂଜାଦ୍ୱାରା ସମସ୍ତଙ୍କର ମଙ୍ଗଳ ହୁଏ ବୋଲି କହିଥିଲେ। ସହସମ୍ପାଦକ ବୃନ୍ଦାବନ ମିଶ୍ର, କାଞ୍ଚନବାଳା ତ୍ରିପାଠୀ, ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାସୁଦେବ ଦାଶ, ମଧୁସୂଦନ ମହାନ୍ତି, ଲକ୍ଷ୍ମୀନାରାୟଣ ପତି, ଅଧିକାରୀ ନବକିଶୋର ଦାସ, ସନ୍ତୋଷ ସ୍ୱର୍ଣ୍ଣକାର, ପଣ୍ଡିତ ଅଜୟ ନନ୍ଦ, ଜନାର୍ଦ୍ଦନ ମିଶ୍ର, ସୂର୍ଯ୍ୟମଣି ବେଦୀ, ସନ୍ତୋଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଭାସ୍କର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମଠ, ମନ୍ଦିର ପରିସର ଓ ପୋଖରୀ ସଫାକଲେ ଗ୍ରାମର ଯୁବକ

ବ୍ରହ୍ମବରଦା, ୧୩।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ମଠ, ମନ୍ଦିର, ପୋଖରୀ ସଫା କରୁଛନ୍ତି ସ୍ଥାନୀୟ ଯୁବଗୋଷ୍ଠୀ। ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତର ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ଗୌରବ ସେବା ସଂସଦର ସଭ୍ୟ ଗ୍ରାମର ପ୍ରମୁଖ ରାସ୍ତାର ଆର୍ବଜନା ସଫା କରିବା ସହ ଦଳ ଭର୍ତ୍ତି ପୋଖରୀକୁ ସଫା କରିଛନ୍ତି। ଏଥିସହ ମଠ ଓ ମନ୍ଦିର ପରିସର ସଫା କରିଛନ୍ତି। ସଂଗଠନର ଉପଦେଷ୍ଟା ପ୍ରଦୀପ ଦାସ, ରାକେଶ ଦେଓ, ସଭାପତି ଜିତେନ୍ଦ୍ର ସାହୁ, ସମ୍ପାଦକ ନିରାକାର ବେହେରା, ଉପସଭାପତି ନିତ୍ୟାନନ୍ଦ ରାଉତ, ସହସମ୍ପାଦକ ମହେଶ ବେହେରା, କୋଷାଧ୍ୟକ୍ଷ ପ୍ରଭାତ ଘଡ଼ାଇ, ପପୁନି ବେହେରା, ଫିନୁ ବେହେରା, ଚୈତନ୍ୟ ଜେନା ଓ ପଙ୍କଜ ବେହେରାଙ୍କ ସହ ସଦସ୍ୟମାନେ ଏହି କାର୍ଯ୍ରକ୍ରମରେ ସାମିଲ ଥିଲେ। ସେହିପରି ବ୍ରହ୍ମବରଦାସ୍ଥ ଚଣ୍ଡିମନ୍ଦିର ନିକଟରେ ଥିବା ବଦ୍ରିକା ଆଶ୍ରମରେ ମଧ୍ୟ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ବ୍ରହ୍ମବରଦାଠାରେ ଥିବା ରୟାଲ କମ୍ପ୍ୟୁଟର ଏକାଡେମୀର ମାଲିକ ନିଶିକାନ୍ତ ସାମଲ ଓ ଶିକ୍ଷକ ଇତିଶ୍ରୀ ପାଣ୍ଡେ, ରଶ୍ମିତା ସାହୁ ଓ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଆଶ୍ରମ ପରିସରକୁ ସଫା କରିଥିଲେ। ମଠାଧିଶ ରେବତୀ ପାଢ଼ୀ ଓ ବିଷ୍ଣୁଚରଣ ଓଝା, ବିଶ୍ୱଜିତ ଓଝା, ଆରିୟାନ ଓଝା, ସୁଶାନ୍ତ ଓଝା ଓ ଦୀନବନ୍ଧୁ ଓଝା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ମଣ୍ଡଳସ୍ତରୀୟ ବିଜ୍ଞାନ ଓ ବାଲ୍ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ



ବରୁଆଁ, ୧୩।୧୧(ସମିସ): ଯାଜପୁର ଶିକ୍ଷାମଣ୍ଡଳ ଅଧୀନରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ମଣ୍ଡଳସ୍ତରୀୟ ବିଜ୍ଞାନ ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ସୁଜନପୁର ପଞ୍ଚାୟତର ରୁଦ୍ରଚରଣ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସୁଧାଂଶୁ ଭୂଷଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାଥମିକ ସ୍ତରରେ ୮୨ଟି ପ୍ରକଳ୍ପ ଓ ମାଧ୍ୟମିକ ସ୍ତରରେ ୪୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନୀରେ ଯାଜପୁର ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରଦର୍ଶନୀ ଦ୍ୱାରା ଛାତ୍ରଛାତ୍ରୀ ବିଜ୍ଞାନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିପାରିବେ ବୋଲି ମୁଖ୍ୟଅତିଥି ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ନିର୍ମଳ ଚନ୍ଦ୍ର ଜେନା ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ଚିତ୍ତରଞ୍ଜନ ସାମଲ, ମନୋଜ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମ୍ୟୁନିସ୍‌ପାଲ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ହେମନ୍ତ ସାହୁ, ସ୍ଥିତିପ୍ରଜ୍ଞା ମିଶ୍ର, ଏନ୍‌ଏସ ଶୁଭଶ୍ରୀ ଉତ୍କଳିକା ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ସରୋଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସିଆରସିସି ପ୍ରକାଶ ପଣ୍ଡା ସଭା ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ଦତ୍ତ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ରାବଣା ଛକ ସରକାରୀ ଜମିରେ ନିର୍ମାଣ ଘର ଭାଙ୍ଗିଲା ପ୍ରଶାସନ

'ସକାଳ' ପ୍ରଭାବ



ଯଖପୁରା, ୧୩।୧୧ (ସମିସ): ଦାନଗଦି ତହସିଲର ବହୁ ସ୍ଥାନରେ ଜବରଦଖଲକାରୀ ଅର୍ଥ ବଳ ଓ ବାହୁବଳ ଦେଖାଇ ସରକାରୀ ଜମିକୁ ନିଜ ଅଧୀନକୁ ନେଇ ସେଠାରେ ଘର ଓ ଦୋକାନ ଗୃହ ନିର୍ମାଣ କରିଛନ୍ତି। ଦାନଗଦି ତହସିଲ ଅଧୀନସ୍ଥ ମାନତିରା ପଞ୍ଚାୟତର ରାବଣା ଛକରେ ମଧ୍ୟ ସରକାରୀ ଜମିରେ ଘର ନିର୍ମାଣ ଚାଲିଥିଲା। ଦାନଗଦି ତହସିଲକୁ ଚକମା ଦେଇ ଦୋକାନ ଘର ନିର୍ମାଣ ହେଉଥିଲା। ଏ ନେଇ ଦୈନିକ ଖବରକାଗଜ 'ସକାଳ'ରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଦାନଗଦି ତହସିଲଦାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜବରଦଖଲ ଉଚ୍ଛେଦ କରିଛନ୍ତି।

ସୂଚନା ମୁତାବକ, କିଛିଦିନ ଧରି ରାବଣା ଛକରେ ମାଫିଆ ସରକାରୀ ଜମି ଜବରଦଖଲ କରି ଉକ୍ତ ଜମିରେ ଦୋକାନ ଘର ନିର୍ମାଣ କରୁଥିଲେ। ସରକାରୀ ଜମି ଜବରଦଖଲ କରି ତା' ମଧ୍ୟରେ ଦୋକାନ ଘର ନିର୍ମାଣ କରି ତାକୁ ଭଡ଼ା ସୂତ୍ରରେ ଦେବା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ହୋଇଥିଲେ ମଧ୍ୟ ଜବରଦଖଲକାରୀ ସରକାରୀ ନିୟମକୁ ମାନୁ ନ ଥିଲେ। ଯାହାକୁ ନେଇ ଦାନଗଦି ତହସିଲଦାରଙ୍କୁ ସାଧାରଣ ଲୋକ ବାରମ୍ବାର ଅଭିଯୋଗ କରୁଥିଲେ। ଏହାକୁ ଗୁରୁତ୍ୱର ସହ ନେଇ ବିଭିନ୍ନ ସମୟରେ ଦାନଗଦି ତହସିଲଦାର ଜବରଦଖଲ କରିଥିବା ବ୍ୟକ୍ତିଙ୍କୁ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ନୋଟିସ କରିଥିଲେ। ମାତ୍ର ଜବରଦାଖଲକାରୀ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବ୍ୟକ୍ତି ହୋଇଥିବାରୁ ତହସିଲଦାରଙ୍କ କଥା ନ ମାନି ନିର୍ମାଣ କାର୍ଯ୍ୟ ଚାଲୁ ରଖିଥିଲେ। ଶେଷରେ ଆଜି ସକାଳୁ ଦାନଗଦି ତହସିଲଦାର ରଞ୍ଜିତ କୁମାର ମଲ୍ଲିକ ଯଖପୁରା ଆଇଆଇସି ଲିଜାରଣୀ ବିଶ୍ୱାଳ, ମାନତିରା ଆରଆଇ ଓ ଶତାଧିକ ପୁଲିସଙ୍କ ଉପସ୍ଥିତିରେ ରାବଣା ଛକରେ ସରକାରୀ ଜମିରେ ଜବରଦାଖଲ ଉଚ୍ଛେଦ କରିଥିଲେ। ଯାହାକୁ ନେଇ ସାଧାରଣ ଲୋକ ଖୁସିବ୍ୟକ୍ତ କରିଛନ୍ତି।

## ବସ୍‌ଷ୍ଟାଣ୍ଡରେ ଚୋରମାନଙ୍କ ଉତ୍ପାତ

ରାଇରଙ୍ଗପୁର,୧୩।୧୧(ସମିସ): ମଙ୍ଗଳବାର ବିଳମ୍ବିତ ରାତ୍ରିରେ ରାଇରଙ୍ଗପୁର ଘରୋଇ ବସଷ୍ଟାଣ୍ଡ ପରିସରରେ ଦୁର୍ବୃତ୍ତମାନେ ୨ଟି ଦୋକାନରେ ଚୋରି ଉଦ୍ୟମ କରିଥିଲେ। ଏପରିକି ସଟର୍‌ରେ ଲାଗିଥିବା ମୋଟ ଚାରି ଗୋଟି ତାଲା କାଟି ଦେଇଥିଲେ। ହେଲେ ଦୋକାନ ଭିତରକୁ ପ୍ରବେଶ କରି ପାରିନଥିଲେ। ବୁଧବାର ସକାଳ ସମୟ ଦୋକାନ ମାଲିକ ଘଟଣାକୁ ନେଇ ଟାଉନ ଥାନାରେ ସୂଚନା ଦେଇଥିବା ଜଣାପଡ଼ିଛି।

## ପଲ୍ଲୀସଭାକୁ ଗ୍ରାମବାସୀଙ୍କ ବିରୋଧ

ରାଇରଙ୍ଗପୁର,୧୩।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ତିରିଂ ବ୍ଲକର ମାଝୀ ପାରଗାନା ମହଲର ପାରମ୍ପରିକ ଗ୍ରାମସଭାର କର୍ମକର୍ତ୍ତାଗଣ ରାଜସ୍ୱ ଗାଁଗୁଡ଼ିକରେ ରାଜ୍ୟ ସରକାରଙ୍କ ପକ୍ଷରୁ ପଲ୍ଲିସଭାର ଆୟୋଜନ କରାଯିବାକୁ ବିରୋଧ କରି ତିରିଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ଦାବିପତ୍ର ପ୍ରେରଣ କରିଛନ୍ତି। ପଲ୍ଲୀସଭା ଆୟୋଜନ ହେଲେ ଆଦିବାସୀମାନଙ୍କ ପରମ୍ପରାଗତ ଗ୍ରାମସଭା ନିୟମଗୁଡ଼ିକ ବ୍ୟତିକ୍ରମ ହେବା ସହିତ ଆଦିବାସୀମାନଙ୍କ ପରମ୍ପରାଗତ ଶାସନ ବ୍ୟବସ୍ଥାର ଅସ୍ତିତ୍ୱ ଲୋପ ପାଇବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଗ୍ରାମବାସୀ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଆଦିବାସୀଙ୍କ ପରମ୍ପରାଗତ ଗ୍ରାମସଭା ଆୟୋଜନ କରାଇବା ପାଇଁ ଦାବିକରିଛନ୍ତି। ବିଡିଓଙ୍କ ମାଧ୍ୟମରେ ଓଡ଼ିଶା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ଦାବିପତ୍ର ପ୍ରେରଣ କରିଛନ୍ତି। କାର୍ଯ୍ୟକ୍ରମରେ ପାରାନିକ ବାବା ଗୁରବା ସୋରେନ, ଗୋଡେତ୍ କର ବାସ୍କେ, ଗୁରୁଚରଣ ସୋରେନ ଓ ଶାଙ୍ଖଚରଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ହେମପୁର ହାଇସ୍କୁଲରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବର୍ଜନ ଅଭିଯାନ

ବୈଶିଙ୍ଗା,୧୩।୧୧(ସମିସ): ହେମପୁରସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ପୌରହିତ୍ୟରେ 'ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବର୍ଜନ ଅଭିଯାନ' ଆରମ୍ଭ କରାଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ପାଇଁ ଆଲୋଚନାଚକ୍ର, ସାମୂହିକ ଶପଥପାଠ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକଙ୍କ ସମେତ ବିଜ୍ଞାନ ଶିକ୍ଷକ ଚନ୍ଦନ କୁମାର ଦାସ ଓ ରାଜନନ୍ଦିନୀ ପାତ୍ର ପ୍ଲାଷ୍ଟିକ ଜନିତ ପରିବେଶ ପ୍ରଦୂଷଣର ଗମ୍ଭୀରତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ପ୍ରଭାତୀ ପ୍ରଧାନ, ଜୟଶ୍ରୀ ପାଡ଼ୀ, ସବିତା ବାରିକ ପ୍ରମୁଖ ବିଭିନ୍ନ ପ୍ଲାଷ୍ଟିକ ଆବର୍ଜନାର ପୁନଃ ବିନିଯୋଗ କିପରି ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। କ୍ରୀଡ଼ା ଶିକ୍ଷକ ଶରତ ବେହେରା ପିଲାମାନଙ୍କୁ ପ୍ଲାଷ୍ଟିକ ବର୍ଜନ ପାଇଁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜଗନ୍ନାଥ ମହାନ୍ତ ସହଯୋଗ କରିଥିଲେ।

## ହିନ୍ଦୀ ବିଭାଗର ଆଲୋଚନାଚକ୍ର

ବାରିପଦା,୧୩।୧୧(ସମିସ): ସରକାରୀ ମହିଳା ମହାବିଦ୍ୟାଳୟର ହିନ୍ଦୀ ବିଭାଗ ପକ୍ଷରୁ 'ଅନମେଲ ବିବାହ କୀ ଜୀବନ ଦାସ୍ତାନ 'ନିର୍ମଲା' ଶୀର୍ଷକ ଏକଦିବସୀୟ ଆଲୋଚନାଚକ୍ର ଅଧ୍ୟକ୍ଷା ଡ. ସାଗରିକା ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୀ ବିଭାଗର ଅଧ୍ୟାପିକା ସ୍ୱିଗ୍ଧାଞ୍ଜଳୀ ଦାସ ଅତିଥିଙ୍କୁ ସ୍ୱାଗତ କରିବା ସହ ଶୀର୍ଷକ ବିଷୟବସ୍ତୁର ସୂଚନା ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟା ସୁନୀତା ପ୍ରଧାନ ସମ୍ମାନିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବାରିପଦା ଶ୍ରୀମା ମହିଳା ମହାବିଦ୍ୟାଳୟରୁ ଐଶ୍ୱର୍ଯ୍ୟା ବଡ଼ପଣ୍ଡା ବିଷୟ ବିଶାରଦ ଭାବେ ଯୋଗଦାନ ପୂର୍ବକ 'ଅନମେଲ ବିବାହ କୀ ଜୀବନ ଦାସ୍ତାନ' ଉପନ୍ୟାସର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମକର୍ତ୍ତା ତଥା ହିନ୍ଦୀ ବିଭାଗର ଛାତ୍ରୀଗଣ ଉପସ୍ଥିତ ରହିଥିଲେ। ଶେଷରେ ହିନ୍ଦୀ ବିଭାଗର ଅଧ୍ୟାପିକା ସ୍ୱପ୍ନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମିଳୁନି ଆବାସ, ଜରିପାଲ ତଳେ ପରିବାର

କୟାଁଗୋଲା,୧୩।୧୧(ସମିସ): ଦଶରଥପୁର ବ୍ଲକ୍ ଅନ୍ତର୍ଗତ କୟାଁ ପଞ୍ଚାୟତ ଦୁବକଣ ଗ୍ରାମ ୧୧ ନମ୍ବର ୱାର୍ଡର ଶାନ୍ତିଲତା ଜେନା (୫୫)। ସେ ଆବାସରୁ ବଞ୍ଚିତ ଅଛନ୍ତି। ସ୍ୱାମୀ ସୁନନ୍ଦ ଜେନା (୬୦), ଦୁଇପୁଅ ପ୍ରକାଶ ଓ ସୁଜିତଙ୍କୁ ନେଇ ଶାନ୍ତିଲତାଙ୍କ ପରିବାର। ତାଙ୍କ ପରିବାର ଦୟନୀୟ ଅବସ୍ଥାରେ ଘର ଉପରେ ପାଲ ଟାଣି ରହୁଛନ୍ତି। ଖରା, ବର୍ଷା ଓ ଶୀତକୁ ଖାତିର ନ କରି ଭାଗ୍ୟକୁ ଆଦରି ଜୀବନ ଯୁଦ୍ଧରେ ଆଗେଇ ଚାଲିଛନ୍ତି। ମଜୁରି ଲାଗି ପରିବାର ପ୍ରତିପୋଷଣ କରନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଆବାସ ଯୋଗାଇ ଦେଉଥିବାବେଳେ ଶାନ୍ତିଲତାଙ୍କ ପରିବାର ଏଥରୁ ବଞ୍ଚିତ ଅଛନ୍ତି। ଶାନ୍ତିଲତାଙ୍କୁ ଆବାସ ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।



**ଉତ୍ତର ଓଡ଼ିଶା ପ୍ରସିଦ୍ଧ ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ଉଦ୍‌ଘାଟିତ**

# 'ମୟୂରଭଞ୍ଜ ଜିଲ୍ଲାର କଳା, ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ରତା ରହିଛି'



ବାରିପଦା,୧୩।୧୧(ସମିସ): ଭଞ୍ଜପୁରରେ ଆୟୋଜିତ ପ୍ରସିଦ୍ଧ ୩୦ତମ ଆନ୍ତଃରାଜ୍ୟ ଜଗଦ୍ଧାତ୍ରୀ ମେଳା ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମେଳାର କାର୍ଯ୍ୟକାରୀ ଅଧକ୍ଷ ତଥା ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେଳା କମିଟି ଅଧକ୍ଷ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂଜା ଉପାଧକ୍ଷ ଜ୍ଞାନେନ୍ଦ୍ର ଦାସ, ମେଳା ଉପାଧକ୍ଷ କଳିଙ୍ଗ କେଶରୀ ଜେନା, ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପନାରାୟଣ ପାଲ ପ୍ରମୁଖ ଯୋଗଦେଇ ମୟୂରଭଞ୍ଜର କଳା, ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ରତା ରହିଥିବା ଏବଂ ବେସରକାରୀ ଉଦ୍ୟମରେ ଦୀର୍ଘ ବର୍ଷ ଧରି ସଫଳତା ସହ ଚାଲିଥିବା ଆକର୍ଷଣୀୟ ଜଗଦ୍ଧାତ୍ରୀ ମେଳା ପାଇଁ ଆୟୋଜକମାନଙ୍କର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହି ମେଳା ଆଗାମୀ ନଭେମ୍ବର ୨୪ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନ, ପ୍ରବଚନ, ଦେଶାତ୍ମବୋଧକ ନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଗୀତ ସହ କୁନିକୁନି ପିଲାମାନଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ ଏବଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ମେଳାରେ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟର ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ଷ୍ଟଲ ହୋଇଛି। ସୂଚନା ଥାଉ କି, ୧୯୫୩ରେ ଭଞ୍ଜପୁରରେ ଜଗଦ୍ଧାତ୍ରୀ ପୂଜା ଆରମ୍ଭ ହୋଇଥିବା ବେଳେ ପୂଜାର ୪୦ବର୍ଷ ପୂର୍ତ୍ତି ଉପଲକ୍ଷେ ୧୯୯୩ରୁ ସ୍ୱତନ୍ତ୍ର ଭାବେ ଜଗଦ୍ଧାତ୍ରୀ ମେଳା ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଛି। ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ୨୦୦୨ରୁ ପ୍ରତିବର୍ଷ ଆକର୍ଷଣୀୟ ତୋରଣମାନ ନିର୍ମିତ ଆସୁଥିବାରୁ ୨୨ବର୍ଷ ହେଲା ଜିଲ୍ଲାର ବୃହତମ ତଥା ଆକର୍ଷଣୀୟ ଆନ୍ତଃରାଜ୍ୟ ମେଳା ଭାବେ ସବୁସ୍ତରର ଦର୍ଶକମାନଙ୍କୁ ଆକର୍ଷିତ କରୁଛି। ଅଁଳା ନବମୀରୁ ମା'ଜଗଦ୍ଧାତ୍ରୀଙ୍କ ୭୨ତମ ପୂଜା ଆରମ୍ଭ ହୋଇଥିବା ସହ ନେପାଳର ଜାନକୀ ମନ୍ଦିର ସଦୃଶ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଛି। ତତ୍‌ସହିତ ପୂଜା ପେଣ୍ଡାଲର ଆଭ୍ୟନ୍ତରୀଣ ସାଜସଜ୍ଜା ପ୍ରଦର୍ଶନ ମଧ୍ୟ ଆକର୍ଷଣୀୟ ହୋଇଥିବାରୁ ଦର୍ଶକଙ୍କ ଭିଡ଼ ଆରମ୍ଭ ହୋଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶୀ ଓ ଛଉନୃତ୍ୟ ଅନୁଷ୍ଠିତ ହୋଇଥିଲା।

## ସାହାରପଡ଼ା ଓ ମଇଣ୍ଡାବାସୀଙ୍କ ସମସ୍ୟା ଦୂର କଲା ଟିପିଏନଓଡିଏଲ

ବାଲେଶ୍ୱର,୧୩।୧୧(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ଓ ଯାଜପୁରର ମଇଣ୍ଡା ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହୋଇଛି। ବନ୍ୟା ପରିସ୍ଥିତିରେ ବିଜୁଳି ସେବା ନେଇ ଉପୁଜୁଥିବା ସମସ୍ୟାର ସ୍ଥାୟୀ ପ୍ରତିକାର ଟିପିଏନଓଡ଼ିଏଲ କରିଛି। କେନ୍ଦୁଝର ଜିଲ୍ଲାର ସାହାରପଡା ଓ ଯାଜପୁର ମଇଣ୍ଡା ୧୧ କେଭି ଫିଡରକୁ ସଂଯୋଗ କରୁଥିବା ଏଚଟି ତାର ଦୁଇ ପାର୍ଶ୍ୱରେ ନଦୀ ଉପର ଦେଇ ସଂଚାରଣ କରୁଥିବାବେଳେ ବନ୍ୟା ପରିସ୍ଥିତିରେ ବିଦ୍ୟୁତ ସେବା ବ୍ୟାପକ ପ୍ରଭାବିତ ହେଉଥିଲା। ବନ୍ୟା ପରିସ୍ଥିତିରେ ଏହି ଅଞ୍ଚଳକୁ ବିଦ୍ୟୁତ ସରବରାହ ବହୁ ଦିନ ବିଚ୍ଛିନ୍ନ କରିବାକୁ ପଡୁଥିଲା। ଏପରିକି ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ନଦୀ ଫିଡରଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉଥିଲା। ଏଭଳି ସ୍ଥିତିକୁ ମୁକାବିଲା କରିବା ପାଇଁ ଟିପିଏନଓଡିଏଲ ପକ୍ଷରୁ ଏଠାରେ ଡବଲ ପୁଲ୍ ସଂରଚନାକୁ ପରିବର୍ତ୍ତନ କରାଯାଇ ଉଭୟ ପାର୍ଶ୍ୱରେ କ୍ରସିଂ ଟାୱାରର ନିର୍ମାଣ କରାଯାଇଛି। ଟାୱାରର ନିର୍ମାଣ ଫଳରେ ନଦୀର ଜଳସ୍ତର ଠାରୁ ଯଥେଷ୍ଟ ଉଚ୍ଚରେ ଏବେ ବିଦ୍ୟୁତ ତାର ରହୁଥିବା ବେଳେ ବନ୍ୟା ସମୟରେ ମଧ୍ୟ ଆଉ ପୂର୍ବ ଭଳି ସମସ୍ୟା ହେବ ନାହିଁ। ନଦୀ କ୍ରସିଂକୁ ଟାୱାର ସଂରଚନାରେ ରୂପାନ୍ତର କରି ସମସ୍ୟାର ସ୍ଥାୟୀ ପ୍ରତିକାର କରିବା ସହ ଉପଭୋକ୍ତାଙ୍କ ନିକଟରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ନେଇ ନିଜର ପ୍ରତିବଦ୍ଧତା ଟିପିଏନଓଡିଏଲ ଦୋହରାଇ ପାରିଛି।



**ଲଣ୍ଡନ ୱାର୍ଲଡ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଲେ**

## ବାଲେଶ୍ୱରର ଡ. ପଙ୍କଜ ଜେନା



ବାଲେଶ୍ୱର,୧୩।୧୧(ସମିସ): ଏକ ନୂତନ ନୈତିକତା ଶିକ୍ଷା ପଦ୍ଧତି ତିଆରି କରି ଲଣ୍ଡନ ୱାର୍ଲଡ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଲେ ବାଲେଶ୍ୱରର ପୁଅ ଡ. ପଙ୍କଜ କୁମାର ଜେନା। ଯିଏକି ଏବେ ଶ୍ରୀନିବାସ କଲେଜ, ମଙ୍ଗଳପୁରରେ ରସାୟନ ବିଜ୍ଞାନ ଅଧ୍ୟାପକ ଅଛନ୍ତି। ଆଗାମୀ ପିଢ଼ି କେମିତି ନଷ୍ଟ ନ ହୋଇ ଜଣେ ଜଣେ ଭଲ ମଣିଷ ହେବେ, ଆତ୍ମହତ୍ୟା କେମିତି ନ କରିବେ, ବାପା, ମା' ମାନଙ୍କୁ ଆଉ କେମିତି ବୃଦ୍ଧାଶ୍ରମ ଯିବାକୁ ନ ପଡିବ, ଆତ୍ମହତ୍ୟା କରିବାକୁ ନପଡିବ, ପିଲାମାନେ ବାପା ଓ ମା'ଙ୍କର କେମିତି ଯତ୍ନ ନେବେ, ପିଲାଟିଏ କେମିତି ତା'ର ସାତ ପୁରୁଷ କଥା ମନେରଖିବେ ସେଥିପାଇଁ ଏକ ଛଅ ମାସିକିଆ ପାଠ୍ୟ ଖସଡ଼ା ପ୍ରସ୍ତୁତ କରି ଡ. ଜେନା ଚର୍ଚ୍ଚାକୁ ଆସିଥିଲେ। ଆଉ ସଂସ୍କାର, ସଂସ୍କୃତି ମୁକ୍ତ ବିଦ୍ୟାଳୟ ଖୋଲିଛନ୍ତି ଯାହା ବିନା ମୂଲ୍ୟରେ ମଣିଷ ହେବ ପାଇଁ ଶିକ୍ଷା ଦିଏ। ଡ. ଜେନାଙ୍କ ମତରେ ଯଦି ଆଗାମୀ ପିଢ଼ି ତା ପରିବାରକୁ ଭୁଲିଯିବ, ତେବେ ସେ ଦେଶର କେହି ହୋଇପାରିବନି। ଆଜିକାଲି ବାପା ମା' ମଲେ ବି ପିଲାମାନେ ଶୁଦ୍ଧିକୁ ଆସୁନାହାନ୍ତି। ଡ. ଜେନାଙ୍କ ଦ୍ୱାରା ତିଆରି ହୋଇଥିବା ଛଅ ମାସିଆ ପାଠ୍ୟ ଖସଡ଼ା ଦ୍ୱାରା ଏ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ବୋଲି ବିଚାରପତି ମାନେ ଅନୁଭବ କରି ୱାର୍ଲଡ ବୁକ ଅଫ ରେକର୍ଡ ଲଣ୍ଡନ, ଟକ ଗତ ୧୨ ତାରିଖରେ ମଧ୍ୟପ୍ରଦେଶ ଇନ୍ଦୋରଠାରେ ତାଙ୍କୁ ସମ୍ମାନିତ କରିଛନ୍ତି। ଏହା ସମାଜ ରକ୍ଷା ପାଇଁ ଏକ ମହତ୍ୱ କାମ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ମଙ୍ଗୁଭାଇ ସି ପଟେଲ, ଲଣ୍ଡନର ଡେପୁଟି ଲେଉଟାଣ୍ଟ ଏବଂ କିଙ୍ଗ ଚାର୍ଲସ ସିମନ ନୋଏଲ ଅଭେନସ ଡିଏଲ, ଏଚଏମ ୟୁକେ ୱଲହେଲମ ଜେଜଲେର, ଚେୟାରମ୍ୟାନ ଇୟୁ ୱାର୍ଲଡ ବୁକ୍ ଅଫ ରେକର୍ଡ ଫର୍ମ ଜୁରିଚ, ସ୍ୱିଜରଲାଣ୍ଡ ସ୍ପିରିଚୁଆଲ ଲିଡର ଅଫ ଲଣ୍ଡନ, ୟୁନାଇଟେଡ଼ କିଙ୍ଗଡମ ଏଚଏଚ ରାଜରାଜେଶ୍ୱର ଗୁରୁଜୀ, ଡ଼. ବିଶ୍ୱପତି ତ୍ରିବେଦି, ଆଏଏସ, ଜଷ୍ଟିଶ ଭି.କେ.ଶୁକ୍ଲା, ଲଣ୍ଡନର ମହେନ୍ଦ୍ର ସିଂହ ସି.ଜାଡେଜା, ଦୀପକ ସିଂହ ଆଇଏଏସ ପ୍ରମୁଖ ଅତିଥି ମାନଙ୍କ ଦ୍ୱାରା ଡ଼ଃ ଜେନା ସମ୍ମାନିତ ହୋଇଥିଲେ। ସମାଜ ରକ୍ଷା ପାଇଁ ଏହା ଏକ ମୁଖ୍ୟ କାମ ବୋଲି ଅତିଥି ମାନେ କହିଥିଲେ. ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା



କୁଆମରା,୧୩।୧୧(ସମିସ): ଖୁଣ୍ଟା ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ବଡ଼ପଥରା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ତାଡକିଝରଣରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ମୋଟ ୧୧୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାର ଘନଶ୍ୟାମ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜ୍ଞାନ ସୁପରଭାଇଜର ଜ୍ଞାନରଞ୍ଜନ ଆଚାର୍ଯ୍ୟ, ମୁଖ୍ୟବକ୍ତା ବିଆର୍‌ସିସି ବୃନ୍ଦାବନ ମାରାଣ୍ଡି, ସମ୍ମାନିତ ଅତିଥି ଏବିଇଓ ଅଞ୍ଜଳି ମହାନ୍ତ, ସଂଗଠନିକ ସଂପାଦକ ତଥା ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷେତ୍ରମୋହନ ସିଂ, ଚଳିତ ବର୍ଷ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାର ଟପର ହୋଇଥିବା ଭବାନୀ ଶଙ୍କର ବେହେରା ଯୋଗଦେଇ ସଫଳ ଲକ୍ଷ୍ୟ ପଛରେ ପ୍ରତ୍ୟେକ କାର୍ଯ୍ୟରେ କର୍ତ୍ତବ୍ୟ ନିଷ୍ଠ ହେବା ଅତ୍ୟନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଉଦଯାପିତ ଉତ୍ସବରେ ମୁଖ୍ୟଅତିଥି ସରପଞ୍ଚ ମଂଗଲ ମାଝୀ, ମୁଖ୍ୟବକ୍ତା ରାଣୀ ପୋଖରୀ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ କୁନ୍ତଳା ମହାନ୍ତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।। ବିଇଓ ଘନଶ୍ୟାମ ମୁର୍ମୁ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ନରେନ୍ଦ୍ର ମଲ୍ଲିକ ଓ ଅଜୟ କୁମାର ମହାନ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସମସ୍ତ ସିଆରସିସି ଓ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ। ସୀମାନ୍ତ ମହାବିଦ୍ୟାଳୟର ଅଧ୍ୟାପକ ଅନୀଲ କୁମାର ଝା ଓ ଅରୁଣ କୁମାର ପାତ୍ର ପ୍ରକଳ୍ପ ଗୁଡ଼ିକ ମୂଲ୍ୟାୟନ କରିଥିଲେ। ବିଭିନ୍ନ ବର୍ଗରୁ ମୋଟ ୭ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି।

## ଡିସେମ୍ବର ୨ରୁ ମୟୂରଭଞ୍ଜ ମହୋତ୍ସବ

ଭୁବନେଶ୍ୱର, ୧୩।୧୧ (ସମିସ): ଆସନ୍ତା ୨ ତାରିଖରୁ ୧୦ ଦିନ ବ୍ୟାପୀ ବାରିପଦା ଛଉ ପଡ଼ିଆରେ ୭ମ ମୟୂରଭଞ୍ଜ ମହୋତ୍ସବ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଜିଲ୍ଲାର ମୁଖ୍ୟତଃ ଆଦିବାସୀ ଓ ଅନ୍ୟାନ୍ୟ କଳାକାରମାନଙ୍କୁ ନେଇ ପାରମ୍ପାରିକ ନୃତ୍ୟ ଗୀତରେ ତାଳେତାଳେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରଠାରୁ ଛଉ ପଡ଼ିଆ ପର୍ଯ୍ୟନ୍ତ ଆୟୋଜିତ ହେବ ଓଡ଼ିଶାର ସର୍ବବୃହତ ସାଂସ୍କୃତିକ ଶୋଭାଯାତ୍ରା। ସେହିଭଳି ପ୍ରତିଦିନ ସନ୍ଧ୍ୟାରେ ପ୍ରଥମାର୍ଦ୍ଧରେ ଜିଲ୍ଲା କଳାକାରଙ୍କୁ ନେଇ ଅନୁଷ୍ଠିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ। ତା'ପରେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାର କଳାକାରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସିନେ ଜଗତର ବହୁ ନାମୀଦାମୀ କଳାକାରମାନଙ୍କୁ ନେଇ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।। ବଲିଉଡ୍ ସୁନାମ ଧନ୍ୟ ଗାୟିକା କବିତା କୃଷ୍ଣମୂର୍ତ୍ତି ଶେଷ ଦିନରେ ଧମକା ମଚାଇବେ ବୋଲି ମୟୂରଭଞ୍ଜ ମହୋତ୍ସବ କମିଟି ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି।

କମିଟିର ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା କହିଛନ୍ତି, ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମରେ ୩ ଦିନ ସ୍ୱତନ୍ତ୍ର ଆଦିବାସୀ କାର୍ଯ୍ୟକ୍ରମ କାରିବାକୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟ ୩ ଦିନ ଓଡ଼ିଆ କାର୍ଯ୍ୟକ୍ରମ ସାଙ୍ଗକୁ ୨ ଦିନ କୁଡୁମାଲି(ମହାନ୍ତ) କାର୍ଯ୍ୟକ୍ରମ ହେବ। ବାକି ଦୁଇ ଦିନ ବଲିଉଡ ଷ୍ଟାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ମଜାନେବେ ଦର୍ଶକ ବୋଲି ସେ କହିଛନ୍ତି।

## ଡାକ୍ତରଖାନା ଡିଜି ମେସିନରୁ ବ୍ୟାଟେରୀ ଚୋରି

ବେତନଟୀ,୧୩।୧୧(ସମିସ): ବେତନଟୀ ଡାକ୍ତରଖାନାରେ ଥିବା ଡିଜିମେସିନରୁ ବ୍ୟାଟେରୀ ଚୋରି ଘଟଣାରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ପୁଲିସ। ଏତଲାକାରୀ ଡାକ୍ତରଖାନାର ସୁରକ୍ଷାକର୍ମୀ ମନୋରଞ୍ଜନ ନାଏକଙ୍କ ଅଭିଯୋଗ ମୁତାବକ ଡାକ୍ତରଖାନାରେ ବିଦ୍ୟୁତକାଟ ହେବାରେ ଡାକ୍ତରଖାନା ଅଧିକାରୀ ଡ. ସିପୁନ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ସେ ଡିଜି ମେସିନ ଚଳାଇବାକୁ ଯାଇଥିଲେ। ମାତ୍ର ଡିଜି ମେସିନ ଷ୍ଟାର୍ଟ ନହେବାରୁ ଯାନ୍ତ୍ରିକତ୍ରୁଟି ଥିବାର ଅନୁମାନ କରି ମେକାନିକ ଡକାଇଥିଲେ। ତେବେ ମେକାନିକ ଜଣକ ନିରୀକ୍ଷଣ କରିବାରୁ ଡିଜିମେସିନରୁ ବ୍ୟାଟେରୀ ଚୋରି ହୋଇଥିବାର ଜଣାପଡ଼ିଥିଲା। ପରେ ବେତନଟୀ ପୁଲିସକୁ ଏତଲା ଦିଆଯିବାରୁ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ଯୁବତୀ ନିଖୋଜ ଅଭିଯୋଗ

ବେତନଟୀ,୧୩।୧୧(ସମିସ): ବେତନଟୀ ଥାନା ଅଧୀନ ସଂସା ଗ୍ରାମର ଜନୈକା ୨୫ବର୍ଷୀୟା ଯୁବତୀ ନିଖୋଜ ହୋଇଯାଇଥିବା ନେଇ ପରିବାରବର୍ଗ ବେତନଟୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ନିଖୋଜ ଯୁବତୀଙ୍କ ପରିବାରବର୍ଗଙ୍କ ଅଭିଯୋଗ ମୁତାବକ ଯୁବତୀ ଜଣକ ଘରେ ଶୋଇଥିଲେ। ଭୋର ୪ଟା ପାଖାପାଖି ସମୟରେ ଯୁବତୀ ଜଣକ ଘରେ ନଥିବାର ଜଣାପଡ଼ିବାରୁ ଘରଲୋକେ ବେତନଟୀ, ବୈଶିଙ୍ଗା ବସଷ୍ଟାଣ୍ଡ ସମେତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ଖୋଜଖବର ପାଇପାରି ନଥିଲେ। ଶେଷରେ ଯୁବତୀଙ୍କ ମା' ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ତାଙ୍କ ଝିଅ ନିଖୋଜହେବା ପଛରେ କେଉଁଝର ଜିଲ୍ଲାର ଜନୈକ ଯୁବକଙ୍କ ସମ୍ପୃକ୍ତିଥିବା ନେଇ ସେ ସନ୍ଦେହ ପ୍ରକଟ କରୁଛନ୍ତି ବୋଲି ଏତଲାରେ ଦର୍ଶାଇଛନ୍ତି।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ୧୦୭ ପ୍ରକଳ୍ପ ପ୍ରଦର୍ଶିତ



ରାସଗୋବିନ୍ଦପୁର,୧୩।୧୧(ସମିସ): ରାସଗୋବିନ୍ଦପୁରରେ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଇଓ ସତୀଶ ଚନ୍ଦ୍ର ମହାପାତ୍ର ଓ ତହସିଲଦାର ପ୍ରଭାତ କୁମାର ତରେଇ ସମ୍ମାନିତ ଅତିଥିଭାବେ ସୁଧାଂଶୁ ନାଏକ, ବିଆର୍‌ସିସି ବିଜୟକୁମାର ବାରିକ, ଏବିଓ କନକ ମଞ୍ଜରୀ ମହାନ୍ତି, ସୁକୁମାର ରାଉତ, ପ୍ରଧାନଶିକ୍ଷୟତ୍ରୀ ପ୍ରଣତି ଉପାଧ୍ୟାୟ, ଶିକ୍ଷକ ଗୋପୀବଲଭ ଭୂୟାଁ, ସନ୍ତୋଷ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଇଓ ସତୀଶ ଚନ୍ଦ୍ର ମହାପାତ୍ରଙ୍କ ପୌରହିତ୍ୟରେ ପ୍ରଧାନଶିକ୍ଷକ କ୍ଷେତ୍ରମୋହନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଅଖିଳ କୁମାର ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଶଣ କରିଥିଲେ। ବାଲ ବୈଜ୍ଞାନିକ ୮ଟି, ପ୍ରାଥମିକ ଓ ଉଚ୍ଚପ୍ରାଥମିକରେ ୬୨ଟି ଓ ସିନିୟର ଗ୍ରୁପରେ ଉଚ୍ଚ ବିଦ୍ୟାଳୟର ୩୭ଟି ପ୍ରକଳ୍ପ, ସର୍ବମୋଟ ୧୦୭ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଦ୍ୱିତୀୟ ଅଧିବେଶନରେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଦର୍ଶନୀରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିଆରସିସି ଜଗନାଥ ପଣ୍ଡା ବେଦମନ୍ତ୍ର ଉଚ୍ଚାରଣ କରିଥିଲେ। ଶାନ୍ତନୁ ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉକ୍ତ ପ୍ରଦର୍ଶନୀରେ ସିଆରସିସି ସପନ ବେହେରା, ହରିହର ସିଂ, ନୀଳିମା ହାଁସଦା, ଅଞ୍ଜନା ଭାଟ, ମନୋଜ ସାହୁ, ସେରାଲ ହାଁସଦା, ସରୋଜ ଦାସ, ଜୟନାରାୟଣ ଦାସ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବ୍ଲକର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ଏନ୍‌ଏଚ୍ ମରାମତି ନହେଲେ ୨୨ରୁ ବିଜେଡିର ରାସ୍ତା ଅବରୋଧ



ଝାରପୋଖରିଆ,୧୩।୧୧(ସମିସ): ବିଜୁ ଜନତା ଦଳର ମୟୁରଭଞ୍ଜ ଜିଲ୍ଲାର ସାରସକଣା ନିର୍ବାଚନ ମଣ୍ଡଳୀର କର୍ମକର୍ତ୍ତାମାନେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ସାରସକଣା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଝାରପୋଖରିଆ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୫ତାରିଖରୁ ସାରସକଣା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଡ. ଦେବାଶିଷ ମାଣ୍ଡି ଏବଂ ବିଜୁ ଜନତା ଦଳର ଜିଲ୍ଲାର ପୂର୍ବତନ ସଭାପତି ଦେବାଶିଷ ମହାନ୍ତିଙ୍କ ନେତୃତ୍ୱରେ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ଘାଟି ରାସ୍ତା ମରାମତି କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ୨୨ତାରିଖ ମଧ୍ୟରେ ରାସ୍ତା ମରାମତି ନହେଲେ ରାସ୍ତାରୋକ ଆନ୍ଦୋଳନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରିଥିଲେ। ଝାରପୋଖରୀଆ ୧୮ ନମ୍ବର ୪୯ ଜାତୀୟ ରାଜପଥର ମିଳନ ସ୍ଥଳ ବମ୍ବେଛକରେ ହଜାର ହଜାର ସଂଖ୍ୟାରେ ପ୍ରତିଦିନ ଟ୍ରକ, ଯାତ୍ରୀବାହି ଗାଡ଼ି ଏବଂ ସାଧାରଣ ଲୋକ ଯିବାଆସିବା କରୁଥିବାବେଳେ ବିଭିନ୍ନ ସମୟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିବା ବେଳେ ବର୍ତ୍ତମାନ ସୁଦ୍ଧା ମଧ୍ୟ ରାସ୍ତା ଅଧାପନ୍ତରା ହୋଇପଡ଼ିଛି। ଯାହାଫଳରେ ଧୂଳିଧୂଷର ହୋଇ ସାଧାରଣ ଲୋକ ବିଭିନ୍ନ ପ୍ରକାର ରୋଗରେ ପୀଡ଼ିତ ହେଉଛନ୍ତି। ଓଭର ବ୍ରିଜ୍‌ଟି ମଧ୍ୟ ଅଧାପନ୍ତରା ହୋଇପଡିଛି। ତେଣୁ ତୁରନ୍ତ ରାସ୍ତା ମରାମତି କରିବାପାଇଁ ଦାବି କରିଛନ୍ତି। ଅନ୍ୟଥା ଅନିର୍ଦ୍ଦିଷ୍ଟ କାଳପାଇଁ ରାଜ ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଆର୍ଯ୍ୟସୃଷ୍ଟିଙ୍କ ଜାମ୍ମୁ କଶ୍ମୀର ଗସ୍ତ

ବାରିକପୁର, ୧୩।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ କୁଲଣା ଗ୍ରାମର ଶ୍ରୀକାନ୍ତ ପଟ୍ଟନାୟକ ଓ



ପ୍ରୀତିପ୍ରଭା ପଟ୍ଟନାୟକଙ୍କ ଏକମାତ୍ର କନ୍ୟା ଆର୍ଯ୍ୟସୃଷ୍ଟି ଜାତୀୟ ସ୍ତରରେ ଖେଳିବା ପାଇଁ ଜାମୁକଶ୍ମୀର ଗସ୍ତ କରିଛନ୍ତି। ସମ୍ପ୍ରତି ଆର୍ଯ୍ୟସୃଷ୍ଟି ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ଦୀର୍ଘ ୪ବର୍ଷ ହେବ ସେ ଗୁରୁତ୍ୱପୂର୍ଣ୍ଣ ମାର୍ଶାଲ ଆର୍ଟ୍ସ ପ୍ରତିଯୋଗିତାରେ ଭାଗନେଇ ଅନେକ ଗୌରବ ଅର୍ଜନ କରିଛନ୍ତି। ବିଗତ ବର୍ଷ ମାନଙ୍କରେ ଜିଲ୍ଲାସ୍ତରୀୟଠାରୁ ଆରମ୍ଭ କରି ରାଜ୍ୟ ଓ ରାଜ୍ୟ ବାହାରେ ସେ ଏହି ଗୁରୁତ୍ୱପୂର୍ଣ୍ଣ କ୍ରୀଡାରେ ଭାଗ ନେଇ ନିଜର ଦକ୍ଷତା ପ୍ରତିପାଦିତ କରିପାରିଛନ୍ତି। ଏଥିପାଇଁ ତାଙ୍କୁ ବହୁବାର ରୌପ୍ୟ, ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ମାସ ୧୬ରୁ ୧୮ ତାରିଖ ଯାଏଁ ଜାମୁକଶ୍ମୀରଠାରେ ଆୟୋଜିତ ହେଉଥିବା ମାର୍ଶାଲ ଆର୍ଟ୍ସ ପ୍ରତିଯୋଗିତାରେ ଭାଗ ନେବାପାଇଁ କୁନି ପ୍ରତିଯୋଗୀ ଆର୍ଯ୍ୟସୃଷ୍ଟି ଆଜି ପିତା ଶ୍ରୀକାନ୍ତଙ୍କ ସହିତ ଟ୍ରେନ ଯୋଗେ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଜାତୀୟ ସ୍ତର କ୍ରୀଡ଼ାରେ ସେ ଭାଗ ନେଉଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଥିବା ବେଳେ ତାଙ୍କର ସଫଳତା କାମନା ମଧ୍ୟ କରାଯାଇଛି। କ୍ରମାଗତ ଭାବେ ସେ ଯେଉଁ ସଫଳତା ହାସଲ କରିଛନ୍ତି ଏଥିପାଇଁ ନିଜ ପିତାମାତାଙ୍କ ସମେତ ପ୍ରଶିକ୍ଷକ ମନୋରଞ୍ଜନ ଭଞ୍ଜ ଓ ସହାୟକ ଗୁରୁ ଆହ୍ଲା ଜଟାଧାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କୁନି ପ୍ରତିଯୋଗୀ ଜଣକ ସୂଚନା ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ବିଜେଡି ଜନସମ୍ପର୍କ ପଦଯାତ୍ରା



ଭଦ୍ରକ/ବନ୍ତ/ଆଗରପଡ଼ା, ୧୩।୧୧(ସମିସ)

ବିଜେଡି ପକ୍ଷରୁ ଆଗରପଡ଼ାରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୁଆଁଶମଢ଼ିଆ ଛକରୁ ଏହି ପଦଯାତ୍ରା ବାହାରି ଡାଏଟ ଛକ ପର୍ଯ୍ୟନ୍ତ ଯାଇଥିଲା। ହେମପଦ୍ମ ଗାଲାକ୍ସିଠାରେ ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରାକ୍ତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ ଯୁବସଭାପତି ସତ୍ୟ ସାଧନ ବେଜ ପ୍ରମୁଖ ପ୍ରାକ୍ତନ ବିଜେଡି ସରକାର ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଅବଲୋକନ କରିଥିଲେ। ଯୁବନେତା ସପନସିଂହ, ଦୀପକ ମହାନ୍ତି, ଅଶୋକ ପାଣିଗ୍ରାହୀ, ନନ୍ଦକିଶୋର ନାୟକ, ବସନ୍ତ ପତି, ବିଜ୍ଞାନ ଭୂଷଣ ମହାନ୍ତି, ରାମଚନ୍ଦ୍ର ନାୟକ, ଶ୍ରୀନାଥ ମହାନ୍ତିଙ୍କ ସମେତ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

ଭଦ୍ରକ ନିର୍ବାଚନମଣ୍ଡଳୀ ତରଫରୁ ୨୫ ନମ୍ବର ଜିଲ୍ଲା ପରିଷଦ ଜୋନ ଅଧିନ ଦେଁସିଂ ଓ କାଉପୁର ସୀମାରେ ଅବସ୍ଥିତ ଚଣ୍ଡୀ ପଡ଼ିଆଠାରେ ଅନୁଷ୍ଠିତ ଜନସମ୍ପକ ର୍ପଦଯାତ୍ରାରେ ଅନୁଷ୍ଠିତ ହୋଇଥିଲା ବିଶାଳ ସମାବେଶ। ମୁଖ୍ୟଅତିଥି ଭାବେ ବିଜୁ ଜନତା ଦଳର ବରିଷ୍ଠ ରାଜ୍ୟ ଉପସଭାପତି ଦେବୀପ୍ରସାଦ ମିଶ୍ର, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରପାଳିକା ଅଧ୍ୟକ୍ଷା ଗୁଲମକ୍କି ଦଲାୱାଜି ହବିବ, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ଭଦ୍ରକ ବ୍ଲକ ସଭାପତି ବିଜେଡି ପ୍ରଫୁଲ୍ଲ ନାୟକ, ୨୫ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ପ୍ରତିମା ଜେନା, ଦେଁସିଂ ସରପଞ୍ଚ ସୁଚିସ୍ମିତା ଜେନା, କାଉପୁର ସରପଞ୍ଚ ଶୁଚିସ୍ମିତା ସାହୁ, ଯୁବନେତା ସୌମେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାକ୍ତନ ବିଧାୟକ ପ୍ରଣବ ପ୍ରକାଶ ଦାସ ସମସ୍ତେ ଏକଜୁଟ ହୋଇ ଦଳକୁ ଅଧିକ ସଶକ୍ତ ଓ ସୁଦୃଢ କରି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ବିଜେଡିନେତା ଚିତରଞ୍ଜନ ରାଉତଙ୍କ ମୃତ୍ୟୁରେ ୨ମିନିଟ ନିରବ ପ୍ରର୍ଥନା କରାଯାଇଥିଲା। ପଦଯାତ୍ରାଟି ଭୀମପୁର ଶ୍ରୀରାମ ମନ୍ଦିରରୁ ବାହାରି ଚଣ୍ଡୀ ପଡ଼ିଆରେ ପହଞ୍ଚିଥିଲା।



# ଆଲୋକୀକରଣ ଯୋଜନା ସାଜିଛି ଚାଷୀଙ୍କ କ୍ଷତିର କାରଣ



ଧାମନଗର, ୧୩।୧୧(ସମିସ): ଧାମନଗର ଏନଏସି ତରଫରୁ ସହର ଆଲୋକୀକରଣ ଯୋଜନାରେ ବିଭିନ୍ନ ରାସ୍ତାଘାଟ କଡରେ ଖୁଣ୍ଟ ପୋତାଯାଇ ଏଲଇଡି ବଲ୍‌ବ ଲଗାଯାଇଛି। ଧାମନଗର ସହରାଞ୍ଚଳ ଅଧିନ ଦକ୍ଷିଣବାଡ଼ ବଡ଼ ପୋଲଠାରୁ ୩ ନଂ କେନାଲ ବନ୍ଧ କଡ଼ରେ ଚିଲପଦି ଛକ ପର୍ଯ୍ୟନ୍ତ ରାସ୍ତା ଅଲୋକିକରଣ ପାଇଁ ୧୨୫ଟି ଖୁଣ୍ଟରେ ଏଲଇଡି ବଲବ ଲାଗିଛି। ମାତ୍ର ଏହି ଆଲୋକ ଖୁଣ୍ଟିଗୁଡ଼ିକ କେନାଲ ପଟକୁ ନ ଲାଗି ବିଲ ପାଖକୁ ଲାଗିଛି। ଯାହା ଫଳରେ ଗୋଟିଏ ଖୁଣ୍ଟ ପଟରୁ ଅନ୍ୟୁନ ୫ ମିଟର ବ୍ୟାସାର୍ଦ୍ଧରେ ଅତି କମରେ ୪ ଡିସିମିଲ ଜମିରେ ଧାନ ଫସଲ କ୍ଷତି ଘଟୁଛି। ଯାହାଦ୍ୱାରା ଏହି ଶତାଧିକ ଆଲୋକ ଖୁଣ୍ଟି ପାଇଁ ଅତି କମରେ ୫ ଏକର ଜମିରେ ଧାନ ନଷ୍ଟ ହେଉଛି। ଲାଇଟ୍‌ରୁ ନିର୍ଗତ ଅଲଟ୍ରା ଭାଓଲେଟ ଲାଇଟକୁ ଧାନ ସହଜରେ ଗ୍ରହଣ କରି ପାରୁନି। ଏହି ପଏଣ୍ଟରୁ ରାତିରେ ପଡୁଥିବା ଆଲୋକ ଧାନର ପରାଗ ସଙ୍ଗମରେ ବାଧା ସୃଷ୍ଟି କରୁଛି। ଯାହାଫଳରେ ସେହି ଅଞ୍ଚଳରେ ଥିବା ଧାନ ବଢୁ ନଥିବା ବେଳେ ଗଛରୁ କେଣ୍ଡା ବାହାରୁ ନାହିଁ। ଯଦିବା ବିଳମ୍ବରେ ବାହାରୁଛି ସେଗୁଡ଼ିକ ଅଗାଡ଼ି ହେଉଛି। ଏଣୁ ଏ ବିଷୟରେ କୃଷି ବିଜ୍ଞାନଗାରର ବୈଜ୍ଞାନିକ ଆସି ତଦନ୍ତ କରି ପରାମର୍ଶ ଦେବାର ଆବଶ୍ୟକ ଅଛି। ଅନ୍ୟପକ୍ଷରେ ଏନଏସି କର୍ତ୍ତୃପକ୍ଷ ବିଦ୍ୟୁତ ଖୁଣ୍ଟଗୁଡ଼ିକୁ କେନାଲ ପଟରେ ପକାଇଲେ ରାସ୍ତା ଆଲୋକ ହେବା ସହ ଚାଷୀ ମାନଙ୍କ ଧାନ ଚାଷର କ୍ଷତି ହୁଅନ୍ତା ନାହିଁ। ଏଣୁ ଏଥିପ୍ରତି ଏନଏସି କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ କ୍ଷତିଗ୍ରସ୍ତ ଚାଷୀଙ୍କ ତରଫରୁ ଦାବି ହେଉଛି।

# ଅଜିତ ପଟ୍ଟନାୟକ ଯୁଗ୍ମ ନିର୍ଦ୍ଦେଶକକୁ ପଦୋନ୍ନତି



ଭଦ୍ରକ, ୧୩।୧୧(ସମିସ): ଓଡ଼ିଶା ଭିଜିଲାନ୍ସରେ ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁସନ ଭାବରେ କାର୍ଯ୍ୟରତ ଅଜିତ କୁମାର ପଟ୍ଟନାୟକଙ୍କୁ ପଦୋନ୍ନତି ଦିଆଯାଇ ଯୁଗ୍ମ ନିର୍ଦ୍ଦେଶକ ଭାବରେ ଡାଇରେକ୍ଟୋରେଟ ଅଫ୍ ପବ୍ଲିକ ପ୍ରସିକ୍ୟୁସନରେ ଅବସ୍ଥାପିତ କରାଯାଇଛି। ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀପଟ୍ଟନାୟକଗତ୨୩ବର୍ଷଧରିପ୍ରସିକ୍ୟୁଟର ଭାବରେ ଭଦ୍ରକ ସମେତ ନୟାଗଡ଼, କଟକ, ଗଞ୍ଜାମ ଓ ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟ କରିଆସିଥିବା ବେଳେ ୨୦୧୯ରୁ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟରେ ଉଚ୍ଚ ପଦାଧିକାରୀ ଓ ରାଜନୈତିକ ବ୍ୟକ୍ତିବିଶେଷଙ୍କ ବିରୋଧରେ ହେଉଥିବା ଆୟ ବହିର୍ଭୂତ ସମ୍ପତି ମାମଲାର ପରିଚାଳନା କରି ଆସୁଛନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଅଭିଯୁକ୍ତଙ୍କୁ ଦଣ୍ଡିତ କରାଇ ପାରିଛନ୍ତି।

# ଧାମରାରେ ବୋଇତ ବନ୍ଦାଣ ଉତ୍ସବକୁ ନେଇ ବିଜେପି ଦୁଇ ଫାଳ !

ଭଦ୍ରକ, ୧୩।୧୧(ସମିସ): ବନ୍ଦରନଗରୀ ଧାମରାରେ କାର୍ତିକ ପୂର୍ଣ୍ଣିମା ଦିନ ଖୁବ ଧୁମଧାମରେ ପାଳିତ ହେବ ବୋଇତ ବନ୍ଦାଣ ଉତ୍ସବ। ସେଥିପାଇଁ ତିନି ପ୍ରମୁଖ ଦଳ ମଧ୍ୟରେ ଏକ ପ୍ରକାରର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ବିଜେଡି ଓ କଂଗ୍ରେସର କର୍ମୀମାନେ ନିଜ ନିଜ ଦଳର କାର୍ଯ୍ୟକ୍ରମ କେମିତି ସୁରୁଖୁରୁରେ ଅନୁଷ୍ଠିତ ହେବ ସେଥିପାଇଁ ଚିନ୍ତିତ ଥିବା ବେଳେ ବିଜେପି ଦଳର ଗୋଷ୍ଠୀ କନ୍ଦଳ ଦଳର ମୁଖିଆଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ଦୀର୍ଘ ୭ ବର୍ଷ ହେବ ବିଜେପି ଦଳ ଧାମରାରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରି ଆସୁଛି। ମା' ଧାମରାଇ ସାର୍ବଜନୀନ ବୋଇତ ବନ୍ଦାଣ ଉତ୍ସବ ନାମରେ ନାମିତ ବୋଇତ ବନ୍ଦାଣ ଉତ୍ସବ ପାଳନ କରୁଛି ବିଜେପି। ମାତ୍ର ଏହି ବୋଇତ ବନ୍ଦାଣ ଉତ୍ସବକୁ ବିଜେପି ଦଳ ମଧ୍ୟରେ ରାଜନୀତି ସରଗରମ ହୋଇ ପଡ଼ିଛି ଦୁଇ ଗୋଷ୍ଠୀ ଏହି ଉତ୍ସବକୁ ସରସ ସୁନ୍ଦର କରି ଅଲଗା ଭାବେ ପାଳନ କରିବାକୁ ମନସ୍ଥ ମଧ୍ୟ କରିସାରିଲେଣି। ଏହାର ଏକମାତ୍ର କାରଣ ଧାମରାରେ ଏହି ବୋଇତ ବନ୍ଦାଣ ଉତ୍ସବରେ ନିର୍ମାଣ ହୋଇଥିବା ବ୍ୟାନରକୁ ନେଇ ବିଜେପିର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଛି। ନିର୍ମାଣ ହୋଇଥିବା ବ୍ୟାନରେ ଧାମରା ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ କାଳା ଜେନାଙ୍କ ଫଟୋ ଏବଂ ଜାଗୁଲା ପଞ୍ଚାୟତର ପୂର୍ବତନ ଶିକ୍ଷକ ସ୍ୱର୍ଗତ ତ୍ରିଲୋଚନ ପ୍ରଧାନଙ୍କ ଫଟୋ ସ୍ଥାନିତ ହେବା ସହ ଏହି ଫଟୋ ପାଖରେ ଲେଖାଯାଇଛି 'ସ୍ମୃତିରେ' ଯାହାକୁ ନେଇ ରାଜନୀତି ସରଗରମ ହୋଇ ପଡ଼ିଛି। ଏହି ପଞ୍ଚାୟତରର ସଭାପତି ପ୍ରଦୀପ ରାଉତଙ୍କ ମତରେ ଏହି ମା' ଧାମରାଇ ସାର୍ବଜନୀନ ବୋଇତ ବନ୍ଦାଣ ଉତ୍ସବକୁ ସ୍ୱର୍ଗତ କାଳା ଜେନା ଅଥବା ତ୍ରିଲୋଚନ ପ୍ରଧାନ ଆରମ୍ଭ କରି ନଥିଲେ ଅଥବା ସେମାନଙ୍କର ଭୂମିକା ମଧ୍ୟ କିଛି ନଥିଲା। ସେମାନେ ଅନ୍ୟ ଏକ ଆଞ୍ଚଳିକ ଦଳରେ ଥିବା ବେଳେ ବିଜେପି ଭଳି ଏକ ରାଷ୍ଟ୍ରୀୟ ଦଳରେ ସେମାନେ ମଧ୍ୟ ସଭ୍ୟ ଭାବେ ନଥିଲେ, ତେଣୁ ସେମାନଙ୍କ ଫଟୋ ଏହି ବ୍ୟାନରରେ ସ୍ଥାନ ପାଇବା ଏକ ଦୁର୍ଭାଗ୍ୟ ଜନକ। ଏହାକୁ ନେଇ ବିଜେପିର ଏକ ଗୋଷ୍ଠୀ ଅନ୍ୟ ଏକ ସ୍ଥାନରେ ଏହି ଉତ୍ସବକୁ ପାଳନ କରିବାକୁ ସଜବାଜ ହେଲେଣି। ଗୋଟିଏ ଗୋଷ୍ଠୀ ନିଜର ପରିବାରକୁ ନେଇ ରାଜନୀତି କରିବାକୁ ବସିଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଏହାକୁ ସମ୍ପୂର୍ଣ୍ଣ ବିରୋଧ କରୁଛି। ତୁରନ୍ତ ଏହାର ସମାଧାନ ନ ହେଲେ ଧାମରାରେ ବିଜେପିର ୨ଟି ଗୋଷ୍ଠୀ ଅଲଗା ଭାବେ ଏହି ଉତ୍ସବ ପାଳନ କରିବ ବୋଲି ଜଣାପଡ଼ିଛି। ଦେଖିବାକୁ ବାକି ରହିଲା ପୁରଣା ବିଜେପି ଓ ନୂତନ ବିଜେପି ମଧ୍ୟରେ ଲାଗିଥିବା ବିବାଦର କିପରି ସମାଧାନ କରୁଛନ୍ତି ରାଜ୍ୟ ମୁଖିଆ।

■ ଲକ୍ଷାଧିକ ଟଙ୍କାର ମିନି ପାର୍କ ନିର୍ମାଣ ପ୍ରହସନ ପାଲଟିଛି

# ବାହାରୁ ତାଲା, ଭିତରେ ସାପ ବେଙ୍ଗ



ବାସୁଦେବପୁର, ୧୩।୧୧(ସମିସ); ବାସୁଦେବପୁର ପୌରପାଳିକାର ବିଭିନ୍ନ ୱାର୍ଡରେ ମୁକ୍ତା ଯୋଜନାରେ ନିର୍ମିତ ମିନିପାର୍କ ଜରାଜୀର୍ଣ୍ଣ ର୍ ଅବସ୍ଥାରେ ପଡ଼ିରହିଛି। ଦିନ କେଇଟା ମଧ୍ୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ଏହି ପାର୍କ ଗାଁର ଶୋଭାମଣ୍ଡନ କରିବା ପରିବର୍ତ୍ତେ ପୌରାଞ୍ଚଳର ମାର୍ଯ୍ୟାଦା ହାନି କରିଥିବା ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଭିନ୍ନ ସ୍ଥାନରେ ନିର୍ମିତ ମିନିପାର୍କ ଗେଟ ବାହାରେ ତାଲା ଝୁଲୁଥିବା ବେଳେ ଭିତରେ ସାପ ବେଙ୍ଗମାନଙ୍କ ବାସସ୍ଥଳୀ ପାଲଟିଯାଇଛି। ଏଥିସହିତ ବିଭିନ୍ନ ବଣୁଆ ଘାସ ବୁଦା, ନାନା ରକମର ନଟି ଓ ଅନାବନା ଗଛ ଉଠି ପାର୍କର ନକ୍ସା ବଦଳାଇ ଦେଇଛି। ସତେ ଯେପରି ଏହି ମନକୁ ମନ ଗଢି ଉଠିଥିବା ପରି ମନେ ହେଉଛି ବୋଲି ଅନେକ ମତପ୍ରକାଶ କରିଛନ୍ତି। ଆଉ କେତେକାଂଶରେ ଏହି ପାର୍କଗୁଡିକ ମୁକୁଳା ପଡ଼ିଥିବା ବେଳେ ଏଠାରେ ମଦୁଆମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି। କେତେକ ଆନୁଷଙ୍ଗିକ ଝୁଲଣ, ଘୂରିବା ପାଇଁ ବିଭିନ୍ନ ପ୍ରକାର ସରଞ୍ଜାମ ଭାଙ୍ଗିରୁଜି ଯାଇଛି। ଏମିତି ଅବସ୍ଥା ଦେଖିବାକୁ ମିଳିଛି ପୌରପାଳିକାର ପାରା ଗ୍ରାମର ଗାଁ ମଝିରେ ଥିବା ଏକ ପାର୍କ କ୍ଷେତ୍ରରେ। ପାର୍କର ଚାରିପାଖରୁ ବଣୁଆ ଲଟି ଘାସ ବୁଦାରେ ଭରି ଯାଇଥିବା ବେଳେ ଭିତରେ ଆକୃଷ୍ଟ କରିବା ପାଇଁ ଲଗା ଯାଇଥିବା ଗଛ ସବୁ ମରି ଯାଇଛି। ଖାଲି ଯେ ପାରା ଗ୍ରାମରେ ଏମିତି ଅବସ୍ଥା ଆଖିରେ ପଡ଼ିବା ପରେ ସ୍ଥାନୀୟ ସାବରପୁର, ବାଷଠି, ମାଲୁସାହି, ବଂଶିପାଟଣା, ସୁକଦେବପୁର, ବାଲିନଗର, ଭୈରବପୁର ଆଦି ଗ୍ରାମର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ପାଖାପାଖି ୫୦ ମିନି ପାର୍କ ଏବଂ ଓପନ ଜିମରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଲୋକମାନଙ୍କ ମଧ୍ୟରେ ଏହି ପ୍ରକଳ୍ପକୁ ନେଇ ହତାଶ ଭାବ ଦେଖିବାକୁ ବି ମିଳିଛି। ପୌର ପ୍ରଶାସନ ପକ୍ଷରୁ ନା ରକ୍ଷଣାବେକ୍ଷଣ କରାଯାଉଛି ନା ଜଗିବା ପାଇଁ କାହାକୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଟ୍ରକ୍ ପଛକୁ ପିଟିଲା କାର୍

ଭଣ୍ଡାରିପୋଖରୀ, ୧୩।୧୧(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର କହରାପୋଖରୀ ହୋଟେଲ ଏନ.ଏଚ. କିଙ୍ଗ ସମ୍ମୁଖରେ ଛିଡା ହୋଇଥିବା ଓଡି ୨୨ ଏଫ ୧୩୪୭ ନମ୍ବର ଗ୍ୟାସ ସିଲିଣ୍ଡ ବୋଝେଇ ଟ୍ରକ ପଛକୁ ଭଦ୍ରକ ପଟୁ ଆସୁଥିବା ଓଡି ୦୨ ବି ଇ ୦୨୫୫ ନମ୍ବର କାର ବୁଧବାର ଅପରାହ୍ନ ୩ଟା ବେଳେ ପିଟିଥିଲା। ଫଳରେ କାର ଚାଳକ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ପୁଲିସ ଉଭୟ ଯାନକୁ ଜବତ କରିଥିବା ଜଣାଯାଇଛି।

# ଶିକ୍ଷକ ସଶକ୍ତୀକରଣ ତାଲିମ ଶିବିର

ବାରିକପୁର/ଭଣ୍ଡାରିପୋଖରୀ, ୧୩।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକର ବାରିକପୁର, ଆଖୁଆପଦା, ମାଳଦା ଓ ରାଜେନ୍ଦ୍ରପୁରଠାରେ ଏକ ତ୍ରିଦିବସୀୟ ଶିକ୍ଷକ ସଶକ୍ତିକରଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଇଓ ଅଧିର ତରାଇ ଉଦଘାଟନ କରିଥିଲେ। ଏଥିରେ ବିଆରସିସି ଅକ୍ଷୟ ଜେନା, ଏବିଇଓ ଉମେଶଚନ୍ଦ୍ର ଜେନା, ମଞ୍ଜୁଳା ନାୟକ ପ୍ରମୁଖ ଶିବିର ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାର୍ଗଦର୍ଶନ ଦେଇଛନ୍ତି। ରାଜ୍ୟ ସ୍ତରରେ ସମ୍ମାନିତ ଅ ବ ସ ର ପ୍ରା ପ୍ତ ଶିକ୍ଷକ କାର୍ତ୍ତିକଚନ୍ଦ୍ର ସ୍ୱାଇଁ ତାଲିମ ଶିବିରରେ ଯୋଗ ଦେଇଥିବା ବେଳେ ବିକାଶତ୍ମକ ମନୋବୃତ୍ତି, ଶିକ୍ଷକ ନେତୃତ୍ୱ, ଅନ୍ତଃନିବେଶୀ ଶିକ୍ଷା, ସାମାଜିକ ଓ ଆବେଗିକ ନୈତିକ ଶିକ୍ଷା, ପାଠ୍ୟ ଯୋଜନା, ବିଦ୍ୟାଳୟ ନିରାପତ୍ତା ଆଦି ବିଷୟରେ ତାଲିମ ପ୍ରଦାନ କରାଯାଇଛି। ସାଧନକର୍ମୀ ଜୟଦେବ ସେନାପତି, ରାମଚନ୍ଦ୍ର ରାଉତ, ଜଗବନ୍ଧୁ ମହାନ୍ତି, ଆନନ୍ଦଚନ୍ଦ୍ର ପାଢ଼ୀ, ଧନେଶ୍ୱର ସାହୁ, ସଞ୍ଜୟ ନନ୍ଦ, କୈଳାସ ସାମଲ, ନିରଞ୍ଜନ ସାମଲ, ଉଦୟନାଥ ରାଉତ, ପ୍ରକାଶ ଦାସ, ପ୍ରଶାନ୍ତ ଜେନା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷୟତ୍ରୀ ସୁଜାତା ମଲ୍ଲିକ, ବିଭୁତିଭୂଷଣ ମହାନ୍ତି, ରବୀନ୍ଦ୍ରନାଥ ଗୁଡ଼ି, ଦିଲ୍ଲୀପ ଓଝା ପ୍ରମୁଖ ପରିଚାଳନା କରିଥିଲେ।



# କର୍କଟ ପୀଡ଼ିତ ଶିଶୁକୁ ସହାୟତା

ଭଣ୍ଡାରିପୋଖରୀ, ୧୩।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ବିରୋଳି ଦଳିତ ସାହିର ୭ ବର୍ଷ କର୍କଟ ପୀଡିତ ଶିଶୁ ଆଶିଷ ଜେନାଙ୍କ ପରିବାରକୁ ଭେଟି ପଞ୍ଚାୟତସମିତି ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ବୁଧବାର ସହାୟତା ପ୍ରଦାନ କରିଥିଲେ। ଯୁବନେତା ଲଳିତ ରାଉତ, ଦେବଦତ୍ତ ବିଶ୍ୱାଳ, ସଞ୍ଜିବ କୁମାର ରାଉତ, ପ୍ରକାଶ ମହାପାତ୍ର, ଆକାଶ ନାୟକ, ରବୀନ୍ଦ୍ର ଜେନା, ଶରତ ପଲାଇ ପ୍ରମୁଖ ଶ୍ରୀ ସାମଲଙ୍କ ସହ ଆଶିଷଙ୍କ ମାତା ସୁଜାତାଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରିଥିଲେ।

ଜଗନ୍ନାଥ ମହୋତ୍ସବର ୫ମ ସନ୍ଧ୍ୟା

# ଓଁକାର ସମର୍ପଣ ଦୃଷ୍ଟିହୀନ ଗ୍ରୁପ୍ ପକ୍ଷରୁ ଭକ୍ତି ରସ; ଝୁମିଲେ ଦର୍ଶକ

ଅସୁରାଳି, ୧୩।୧୧(ସମିସ)



ଧାମନଗର ବ୍ଲକ ଗୋବିନ୍ଦପୁରଠାରେ ସପ୍ତଦିବସବ୍ୟାପି ଶ୍ରୀଜଗନ୍ନାଥ ମହୋତ୍ସବର ୫ମ ସନ୍ଧ୍ୟାରେ ଓଁକାର ଦୃଷ୍ଟିହୀନ ସମର୍ପଣଙ୍କ ସଙ୍ଗୀତରେ ଝୁମିଲେ ଶ୍ରଦ୍ଧାଳୁ। ଦୃଷ୍ଟିହୀନ ହୋଇଥିଲେ ମଧ୍ୟ ତାଙ୍କର କଣ୍ଠରେ ଯେପରି ସ୍ୱୟଂ ସରସ୍ୱତୀ ବିରାଜମାନ କରିଛନ୍ତି ସ୍ୱରରୁ ପ୍ରତିଫଳିତ ହେଉଥିଲା। ମୁଖ୍ୟ ସମ୍ପାଦକ ସଞ୍ଜୟ କୁମାର ଶଙ୍ଖୁଆଙ୍କ ସଂଯୋଜନାରେ ଏହି ଓଁକାର ଦୃଷ୍ଟିହୀନ ସମର୍ପଣ ଗ୍ରୁପ୍ ସଙ୍ଗୀତ ଗାନ କରିଥିଲେ। ସଭାଟିକୁ ଉଦଘାଟନ କରିଥିଲେ ବରିଷ୍ଠ ସାମ୍ବାଦିକ ରବି ନାରାୟଣ ଖିଲାର। ସଭାପତିତ୍ୱ କରିଥିଲେ ଗୋବିନ୍ଦପୁରର ସରପଞ୍ଚ ସୁବାସଚନ୍ଦ୍ର ମହାକୁଡ। ଜଗନ୍ନାଥ ମହୋତ୍ସବ କମିଟିର ମୁଖ୍ୟ ଫକୀରମୋହନ ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ 'ମୋ ଅନୁଷ୍ଠାନ ସାହିତ୍ୟ ସଂସଦ' ସଂଗଠନର କର୍ମକର୍ତ୍ତାଙ୍କ ଦ୍ୱାରା ଦୁଃଖୀରଙ୍କିଙ୍କୁ କମ୍ବଳ ବଣ୍ଟନ କରା ଯାଇଥିଲା। ସଦସ୍ୟଗଣ ତଥା ନରେନ୍ଦ୍ର ପ୍ରସାଦ ବେହେରା, ଆଲୋକମୟ ପଣ୍ଡା, କୈଳାଶ ରଣ, କୁଳମଣି ଦେଇ, ଶୁଭଶ୍ରୀ ଦାସ ପ୍ରମୁଖ ୨୫ରୁ ଉର୍ଦ୍ଧ୍ୱ ଦୁଃଖୀ ଦରିଦ୍ର ପରିବାରଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା। ଜଗନ୍ନାଥ ମହୋତ୍ସବ କମିଟି ତରଫରୁ ବହୁ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଧୂଷୁରି ପ୍ରେସ ୟୁନିଅନର ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା, ସାମ୍ବାଦିକ ପ୍ରଦୀପ ମହାପାତ୍ର, ପଣ୍ଡିତ ପଞ୍ଚାନନ ମିଶ୍ର, ବୈକୁଣ୍ଠ ବିଶ୍ୱାଳ, କବି ରମେଶ ସ୍ୱାଇଁ, ବରିଷ୍ଠ ନାଗରିକ ଶ୍ୟାମସୁନ୍ଦର ନାଥ, ପ୍ରଧାନ ଶିକ୍ଷକ ଦିଲ୍ଲୀପ ଦାସ, 'ମୋ ଅନୁଷ୍ଠାନ ସାହିତ୍ୟ ସଂସଦ' ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ପରିଚାଳନା କରିଥିଲେ ଧୂଷୁରୀ ପ୍ରେସ ୟୁନିଅନର ସଭାପତି ସନ୍ତୋଷ ଦାସ, ଶ୍ୟାମସୁନ୍ଦର ସେଠୀ, ହିତେଶ ସେଠୀ, ହୃଦାନନ୍ଦ ସେଠୀ, ରଥପ୍ରସାଦ ସେଠୀ, ଅନିଲ ଜେନା, କିଶୋର ଦାସ ପ୍ରମୁଖ।

# ରକ୍ତଦାନ ଶିବିର: ୩୩ ୟୁନିଟ୍ ସଂଗୃହୀତ

ଅସୁରାଳି, ୧୩।୧୧(ସମିସ): ଜଗନ୍ନାଥ ରାଉତ ଚାରିଟେବୁଲ୍ ଟ୍ରଷ୍ଟ ଆଣ୍ଡ ଏଜୁକେସନାଲ୍ ରିସର୍ଚ୍ଚ ତରଫରୁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିର ମା' ଶାରଦା ଦେବୀ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟକ ଭାବେ ସ୍ନାତକ ବିଭାଗର ଅଧ୍ୟକ୍ଷ ସତ୍ୟବ୍ରତ ଭାରତୀ ଯୋଗ ଦେଇଥିଲେ। ମୁଖ୍ୟ ପୁରୋଧା ପୂର୍ବତନ ମନ୍ତ୍ରୀଙ୍କ ସୁପୁତ୍ର ଅଭିଷେକ ରାଉତ, ସାମ୍ବାଦିକ ସନ୍ତୋଷ ଦାସ, ପୂର୍ବତନ ସାଂସଦ ମୁରଲୀଧର ଜେନା, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢି, ସୁବ୍ରତ ଦାସ ବରିଷ୍ଠ କଂଗ୍ରେସ ନେତା ନରେନ୍ଦ୍ର ମଲ୍ଲିକ, ଅବସରପ୍ରାପ୍ତ ଅଧ୍ୟାପକ ରବୀନ୍ଦ୍ର ବେହୁରିଆ, ରବିନ୍ଦ ନାୟକ, ସୁଧୀର ଖଟୁଆ, ନିର୍ମଳ ଜେନା, ବିନୋଦ ନାୟକ, ପ୍ରଦୀପ୍ତ ଦାସ, ହୃଦାନନ୍ଦ ସେଠୀ, ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ଜେନା, ପ୍ରସନ୍ନ ଧଳ, ନିରାକାର ଦଳାଇ, ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ଆଲୋକ ସ୍ୱାଇଁ, ହରିହର ସାହୁ, ଶ୍ରୀଧର ନାଥ, ପ୍ରମୋଦ ସ୍ୱାଇଁ, ଜାନକୀ ମଲ୍ଲିକ ଓ ଶ୍ରୀଧର ଦେବତା ପ୍ରମୁଖ ଯୋଗ ଦେଇଥିଲେ। ଏହାଛଡା ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ବ୍ଲଡବ୍ୟାଙ୍କ୍ ରୁ ଡ. ଶରତ ଆଚାର୍ଯ୍ୟ, ରତିକାନ୍ତ ବଳ, ମଙ୍ଗୁଳି ପ୍ରଧାନ, ଶୁଭଶ୍ରୀ ନାୟକ, ବଳରାମ ପୁହାଣ, ରଘୁନାଥ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଉକ୍ତ ରକ୍ତଦାନ ଶିବିରରୁ ୩୩ୟୁନିଟ ରକ୍ତ ସଂଗୃହୀତ ହୋଇଛି।



